# ECHO OF HIS CALL

# ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. Surama Samuel

Vol. XXIV YEAR OF OUR LORD JESUS CHRIST, MAY 2022 No.3


## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ହିତୋପଦେଶ ୨୨:୧-୧୦)

୧ ବହୁତ ଧନ ଅପେକ୍ଷା ସୁନାମ ମନୋନୀତ ହେବା ଯୋଗ୍ୟ, ପୁଣି ରୂପା ଓ ସୁନା ଅପେକ୍ଷା ସ୍ନେହସୂଚକ ଅନୁଗ୍ରହ ଉତ୍ତମ ।

୨ ଧନବାନ ଓ ଦରିଦ୍ର ଏକତ୍ର ମିଳନ୍ତି; ସଦାପ୍ରଭୁ ସେସମସ୍ତଙ୍କର ସୃଷ୍ଟିକର୍ତ୍ତା ।

୩ ଚତୁର ଲୋକ ବିପଦ ଦେଖି ଆପଣାକୁ ଲୁଚାଏ; ମାତ୍ର ଅବୋଧ ଲୋକମାନେ ଆଗ ବଢ଼ି ଶାସ୍ତି ପାଆନ୍ତି ।

୪ ନମ୍ରତାର ଓ ସଦାପ୍ରଭୁଙ୍କ ବିଷୟକ ଭୟର ପୁରସ୍କାର ଧନ ଓ ସମ୍ମାନ ଓ ଜୀବନ ଅଟେ ।

୫ କୁଟିଳ ଲୋକମାନଙ୍କ ପଥରେ କଣ୍ଟା ଓ ଫାନ୍ଦ ଥାଏ; ଯେ ଆପଣା ପ୍ରାଣ ରକ୍ଷା କରେ, ସେ ସେସବୁରୁ ଦୂରରେ ରହିବ ।

୬ ବାଳକର ଗନ୍ତବ୍ୟ ପଥରେ ତାହାକୁ ଶିକ୍ଷିତ କରାଅ; ତେଣୁ ସେ ବୃଦ୍ଧ ହେଲେ ହେଁ ତହିଁରୁ ବିମୁଖ ହେବ ନାହିଁ ।

୭ ଧନବାନ ଦରିଦ୍ର ଉପରେ କର୍ତ୍ତୃତ୍ୱ କରେ, ପୁଣି ଋଣୀ ମହାଜନର ଦାସ ହୁଏ ।

୮ ଯେ ଅଧର୍ମ (ବୀଜ) ବୁଣେ, ସେ ବିପଦରୂପ ଶସ୍ୟ କାଟିବ ଓ ତାହାର କୋପରୂପ ଦଣ୍ଡ ଲୁପ୍ତ ହେବ ।

୯ ଯାହାର ଦୟାଳୁ ଦୃଷ୍ଟି, ସେ ଆଶିଷ ପାଇବ; ଯେହେତୁ ସେ ଆପଣା ଆହାରରୁ ଦୀନହୀନଙ୍କୁ ବିତରଣ କରେ ।

୧୦ ନିନ୍ଦକକୁ ବାହାର କରି ଦିଅ, ତହିଁରେ କଳି ବାହାରି ଯିବ; ପୁଣି, ବିରୋଧ ଓ ଅପମାନ ନିବୃତ୍ତ ହେବ ।



## ଆମେ ଶେଷ ଦିନରେ ବାସ କରୁଛୁ କି ?

## ARE WE LIVE IN THE LAST DAYS?

(ଭାଇ ଏମ୍. ପଲ୍‌ରାଜ୍)

ଜଗତ ବର୍ତ୍ତମାନ ରଷିଆ ଓ ଏହାର ପଡ଼ୋଶୀ ଦେଶ, ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଦ୍ୱାରା ଛିନ୍ନ ବିଚ୍ଛିନ୍ନ ହୋଇଛି । ଯୁଦ୍ଧ ୨୦୨୨ ଫେବୃୟାରୀ ୨୪ରେ ଆରମ୍ଭ ହୋଇଥିଲା ଓ ଏ ପର୍ଯ୍ୟନ୍ତ ଅବ୍ୟାହତ ରହିଛି । କେବଳ ବିଦେଶୀ ଛାତ୍ରମାନଙ୍କୁ ସେମାନଙ୍କ ନିଜ ନିଜ ଦେଶକୁ ଛାଡ଼ି ଦେବା ପାଇଁ ମାର୍ଚ୍ଚ ୫ ତାରିଖରେ ୭ ଘଣ୍ଟାର ଯୁଦ୍ଧ ବିରତି ରହିଥିଲା । ରଷିଆ ପ୍ରଥମ ଦିନ ୟୁକ୍ରେନ୍ ଉପରେ ଏକ ସହଜ ବିଜୟ ପାଇଥିଲା, ମାତ୍ର ଏହାପରେ ଏହା ୟୁକ୍ରେନର ଶକ୍ତ ପ୍ରତିରୋଧର ସମ୍ମୁଖୀନ ହୋଇଥିଲା । ବର୍ତ୍ତମାନ ୨୧ ମାର୍ଚ୍ଚରେ, ଅର୍ଥାତ୍ ୨୬ ତମ ଦିବସରେ, ଯୁଦ୍ଧ ଭୀଷଣ ରୂପ ଧାରଣ କରିଅଛି । ଯଦିଓ ୟୁକ୍ରେନ୍ ବନ୍ଧୁ ଦେଶଗୁଡ଼ିକରୁ ଅସ୍ତ୍ରଶସ୍ତ୍ରର ସାହାଯ୍ୟ ପାଉଅଛି, ତଥାପି ଏହା ରଷିଆ ସହିତ ସମକକ୍ଷ ନୁହେଁ । ୟୁକ୍ରେନ୍ ୟୁରୋପିଆନ ୟୁନିଅନ୍ ଓ ନାଟୋରେ ଯୋଗ ଦେବା ପାଇଁ ଯୋଜନା କରୁଥିବାରୁ ଓ ଏଥି ଯୋଗୁ ରଷିଆର ସୀମରେ ନାଟୋ ଶକ୍ତି ପ୍ରତ୍ୟକ୍ଷ ଉପସ୍ଥିତି ରହିବାର ସମ୍ଭାବନା ଥିବାରୁ, ରଷିଆ ଏହାର ବିରୋଧ କରି ୟୁକ୍ରେନ୍ ଉପରେ ଆକ୍ରମଣ ଚଳାଇ ଅଛି । ବର୍ତ୍ତମାନ ଅନେକ ୟୁରୋପୀୟ ଦେଶ ରଷିଆର ଅତି ନିକଟରେ ରହିଛନ୍ତି । ସେଥିପାଇଁ ରଷିଆର ଭୟ ଭିତ୍ତିହୀନ ଅଟେ । ୟୁକ୍ରେନ୍ ଏକ ସାର୍ବଭୌମ ଦେଶ ହୋଇଥିବାରୁ, ନିଜର ସ୍ୱାଧୀନ ମନୋନୟନ ପାଇଁ ଏହାର ଅଧିକାର ଅଛି । ଏହି ଯୁଦ୍ଧ କେବଳ ରଷିଆର ଅହଙ୍କାରରୁ ଉତ୍ପନ୍ନ ହୋଇଛି । ପୃଥିବୀର ଦେଶଗୁଡ଼ିକ, ବିଶେଷ ଭାବରେ ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ରଷିଆର ଆକ୍ରମଣକୁ ନିନ୍ଦା କରି ଏହା ବିରୁଦ୍ଧରେ ଅନେକଗୁଡ଼ିକ ପ୍ରତିବନ୍ଧକ ଲଗାଇ ଅଛନ୍ତି । ବ୍ରିଟେନ୍ ଓ ଜର୍ମାନୀ ଭଳି କେତେକ ଦେଶ ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ଯୋଗଉଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ଏହା କହିଛନ୍ତି ଯେ ନାଟୋ ଦେଶଗୁଡ଼ିକ ପ୍ରତ୍ୟକ୍ଷ ପଦକ୍ଷେପ ନେବା ଉଚିତ୍ ନୁହେଁ କାରଣ ଏହା ତୃତୀୟ ବିଶ୍ୱ ଯୁଦ୍ଧର ରୂପ ନେଇ ପାରେ । ହୁଏତ ସେହିପରି ହୋଇପାରେ, ମାତ୍ର ଯୁକ୍ତରାଷ୍ଟ୍ର ଆମେରିକା ଓ କେତେକ ୟୁରୋପୀୟ ଦେଶର ମୁଖ୍ୟମାନେ ପରିସ୍ଥିତି ଉପରେ ଆଲୋଚନା କରିବା ପାଇଁ ଜରୁରୀକାଳୀନ ଭିତ୍ତିରେ ବ୍ରୁସେଲ୍‌ସ ଠାରେ ଏକତ୍ରିତ ହୋଇଥିବାରୁ, ସେମାନଙ୍କର ଦୃଷ୍ଟିକୋଣ ଓ ନିଷ୍ପତ୍ତିରେ ପରିବର୍ତ୍ତନ ଆସିପାରେ । ରଷୀୟ ସୈନ୍ୟବାହିନୀ ବିଭିନ୍ନ ପ୍ରକାର ମାରଣାସ୍ତ୍ର, ଶକ୍ତିଶାଳୀ ଯୁଦ୍ଧ ବିମାନ ଓ ଅତ୍ୟାଧୁନିକ ବୋମା ଦ୍ୱାରା ୟୁକ୍ରେନ୍‌କୁ ଧ୍ୱସ୍ତ ବିଧ୍ୱସ୍ତ କରିଛନ୍ତି । ବର୍ତ୍ତମାନ ଏପରି ମନେ ହେଉଛି ଯେପରି ସଙ୍ଗେ ସଙ୍ଗେ ଯୁଦ୍ଧ ବନ୍ଦ କରିବା ପାଇଁ ପୃଥିବୀର କିମ୍ବା ଆନ୍ତର୍ଜାତୀୟ ନ୍ୟାୟାଳୟର ସ୍ୱର ଶୁଣିବା ପାଇଁ ରଷିଆ ଆଉ ପ୍ରସ୍ତୁତ ନୁହେଁ ।

ୟୁକ୍ରେନ୍‌ର ରାଷ୍ଟ୍ରପତି ଭୋଲ୍‌ଡିମିର ଜେଲେନ୍‌ସ୍କି, ଯିଏ ଗୋଟିଏ ହାସ୍ୟାଭିନେତାରୁ ରାଜନେତାରେ ପରିଣତ ହୋଇଛନ୍ତି, ସେ ଗୋଟିଏ ସାହସୀ ବୀର ଭାବରେ କାର୍ଯ୍ୟ କରୁଛନ୍ତି ଓ ସମସ୍ତ ୟୁକ୍ରେନ୍‌ବାସୀ ତାଙ୍କ ପଛରେ ଠିଆ ହୋଇଛନ୍ତି । ଇସ୍ରାଏଲୀୟ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

# ECHO OF HIS CALL - (1969-2019 GOLDEN JUBILEE YEAR)

## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...






"ସଦାପ୍ରଭୁଙ୍କର ଦକ୍ଷିଣ ହସ୍ତ ଉନ୍ନତ, ସଦାପ୍ରଭୁଙ୍କର ଦକ୍ଷିଣ ହସ୍ତ ବୀରର କର୍ମ କରେ" (ଗୀତସଂହିତା ୧୧୮:୧୬) ।

**ଆମର ମିଶନ ପଲିସୀ**

**ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।**

**ପ୍ରଭୁରେ ପ୍ରିୟ ବନ୍ଧୁଗଣ,**

*ଆମେ ଆପଣମାନଙ୍କୁ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ଅତୁଳନୀୟ ନାମରେ ଅଭିବାଦନ ଜଣାଉଅଛୁ ।*

*ଆପଣମାନଙ୍କର ପ୍ରାର୍ଥନା ଓ ଅର୍ଥ ସହାୟତା ଦିନକୁ ଦିନ ଏକ ଉଚ୍ଚତର ସ୍ତରକୁ ନେଉଅଛି । ସେଥିପାଇଁ ଆମେ ଆପଣମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ବାଧ୍ୟ ଅଟୁ । ଆମେ ଆପଣମାନଙ୍କୁ "ଧନ୍ୟବାଦ" କହିବାର ସୌଭାଗ୍ୟ ମଧ୍ୟ ପାଇଅଛୁ ।*

*ମଇ ମାସରେ, ଭାରତର ପିଲାମାନେ ଓ ଯୁବାମାନେ ସ୍କୁଲ ଓ କଲେଜ ଦ୍ୱାରା ଦିଆ ଯାଇଥିବା ଛୁଟିଦିନଗୁଡ଼ିକ ଉପଭୋଗ କରିପାରନ୍ତି । ଏହି ଦିନ ଗୁଡ଼ିକରେ, ଜାଗତିକ ବିଷୟରେ ସମୟ ନଷ୍ଟ ନ କରି, ପ୍ରଭୁଙ୍କ ପାଇଁ କିଛି ଦରକାରୀ କାର୍ଯ୍ୟ କରନ୍ତୁ ବୋଲି ଆମେ ଆପଣମାନଙ୍କୁ ଓ ଆପଣମାନଙ୍କ ସନ୍ତାନସନ୍ତତିମାନଙ୍କୁ ଉତ୍ସାହିତ କରୁଅଛୁ । ଆପଣମାନେ ମଣ୍ଡଳୀର ବିଶେଷ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ଓ ମଣ୍ଡଳୀର ମରାମତି କାର୍ଯ୍ୟରେ ସାହାଯ୍ୟ କରି ଈଶ୍ୱରଙ୍କୁ ସନ୍ତୁଷ୍ଟ କରିପାରିବେ । ଯଦି ଆପଣମାନେ ଏହିପରି କାର୍ଯ୍ୟ କରିବେ, ତେବେ ଈଶ୍ୱର ଆପଣମାନଙ୍କର ପରିବାରଗୁଡ଼ିକୁ ଆଶୀର୍ବାଦ କରିବେ । ପ୍ରଭୁ ଆପଣମାନଙ୍କ ପ୍ରତି ଓ ଆପଣମାନଙ୍କର ପରିବାର ଗୁଡ଼ିକ ପ୍ରତି ଅନେକ ଉତ୍ତମ କାର୍ଯ୍ୟ କରିଛନ୍ତି । ସେହି ଉପକାରଗୁଡ଼ିକୁ ଭୁଲନ୍ତୁ ନାହିଁ ।*

*ଆମେ, ଈଶ୍ୱରଙ୍କ ଦାସମାନେ ମଧ୍ୟ ଆନନ୍ଦ ଓ ବଡ଼ ଉତ୍ସାହର ସହିତ ବିଭିନ୍ନ କାର୍ଯ୍ୟରେ ଜଡ଼ିତ ରହିଅଛୁ । ଆମର ଇଂଲିଶ ମାଧ୍ୟମ ଉଚ୍ଚ ବିଦ୍ୟାଳୟ, ତାମିଲ ସାଂଧ୍ୟ ବାଇବଲ କଲେଜ, ହିନ୍ଦୀ ଅନ୍-ଲାଇନ ପାଠପଢ଼ା, ଓ ଇଂରାଜୀ ଓ ତାମିଲରେ ଦିଆ ଯାଉଥିବା କରେସ ପଣ୍ଡେସ୍ ପାଠ୍ୟକ୍ରମ ୧୬ଟି ଭାଷାରେ ପ୍ରକାଶିତ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ସହିତ ସଫଳ ଭାବରେ କାର୍ଯ୍ୟ କରୁଅଛି । ଆମର କ୍ରମବର୍ଦ୍ଧିଷ୍ଣୁ ମଣ୍ଡଳୀ ଉପାସନା ଓ ହିନ୍ଦୀ ଆବାସିକ ବାଇବଲ କଲେଜ ଆଗାମୀ ମାସଠାରୁ କାର୍ଯ୍ୟ କରିବା ଆରମ୍ଭ କରିବ । ଆମେ ଏହି ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ ?*

*ଆପଣମାନଙ୍କ ମଧ୍ୟରୁ ଅନେକେ ଆମର ଆବଶ୍ୟକତା ଉପଲବ୍ଧି କରି, ଆମେ ମାଗିବା ପୂର୍ବରୁ ବ୍ୟାଙ୍କ୍ ଟ୍ରାନ୍ସଫର, ଗୁଗୁଲ ପେ, ମନିଅର୍ଡର, ଚେକ୍ ଓ ଡିମାଣ୍ଡଡ୍ରାଫ୍ଟ ମାଧ୍ୟମରେ ଆମକୁ ଦାନ ପ୍ରେରଣ କରୁଛନ୍ତି । ଆମେ ଉତ୍ସାହିତ ହୋଇଅଛୁ ଓ ଆମର ସର୍ବଶକ୍ତିମାନ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆପଣମାନଙ୍କୁ ଆଶୀର୍ବାଦ କରୁଅଛୁ । ମଙ୍ଗଳ ଓ ଦୟା ଆପଣମାନଙ୍କର ଅନୁବର୍ତ୍ତୀ ହେଉ ।*

*ଆମ ମଧ୍ୟରୁ କେତେ ଜଣ ଓ ଆମର କେତକ ପରିବାର ସଦସ୍ୟ ଶରୀରରେ ଦୁର୍ବଳତା ଅନୁଭବ କରୁଛନ୍ତି । ବିଶେଷ ଭାବରେ, ଭାଇ ପଲ୍‌ରାଜ୍ ଓ ପାଳକ ମୁଥୁ ଯେପରି ସେମାନଙ୍କ ଅସୁସ୍ଥତାରୁ ସଂପୂର୍ଣ୍ଣ ସୁସ୍ଥ ହେବେ, ଏଥିପାଇଁ ନିରନ୍ତର ପ୍ରାର୍ଥନା କରନ୍ତୁ ।*

*ଆମେ ଆପଣମାନଙ୍କୁ ପ୍ରେମ କରୁଅଛୁ ଓ ଉଦ୍‌ଯୋଗର ସହିତ ଆପଣମାନଙ୍କ ପାଇଁ ପ୍ରାର୍ଥନା କରୁଅଛୁ । ଆମେ ଆପଣମାନଙ୍କର ପତ୍ର, ଇ-ମେଲ, ଟେଲିଫୋନ କଲ୍ ଓ ଅନ୍ୟ ସାହାଯ୍ୟ ଓ ସହାୟତା ପାଇଁ ଧନ୍ୟବାଦ ଜଣାଉଅଛୁ । ଆମେ ଆପଣମାନଙ୍କର ଅନୁରୋଧ ଓ ବିନତିଗୁଡ଼ିକୁ ଈଶ୍ୱରଙ୍କ ନିକଟରେ ରଖୁଅଛୁ ।*

*ଈଶ୍ୱରଙ୍କ ଅନୁଗ୍ରହ ଆପଣମାନଙ୍କର ସହବର୍ତ୍ତୀ ହେଉ । ଆମେନ୍ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍
(+91) 98412 71858 / 98410 71858, E.mail : samselvaraj333@gmail.com

(ECHO GROUP)

CHIEF EDITOR
Angeline Selvakumari Henry, M.A., M.Ed.

MANAGING EDITOR
Pastor Alex Samson Sam, B.Th., M.Div.

ADMINISTRATION
Bro. N. Prakasam, M.A., General Manager

EDITORIAL BOARD
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M.Phil., B.Ed.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858

E.mail ID
sam@echoofhiscall.org
biblecor@yahoo.co.in

WEBSITES
www.echoofhiscall.org
www.stpaulsmatriculation.com

YOUTUBE CHANNEL
Echo of His Call

Our Ministries: ECHO OF HIS CALL Monthly Magazines (16 languages) ◌ BIBLECOR - Postal Courses (3 languages) ◌ Online Courses ◌ Theological Correspondence Courses (2 languages) ◌ Church Planting ◌ Nehemiah Bible Colleges ◌ Gospel Printing Press ◌ Great Commission Partners ◌ St. Paul's Matriculation School ◌ Crusades ◌ Community Development

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ପାର୍ଲାମେଣ୍ଟକୁ ତାଙ୍କର ବର୍ତ୍ତମାନର ଭର୍ଚୁଆଲ ସମ୍ବୋଧନରେ, ସେ ଏହା ଦାବୀ କରିଥିଲେ ଯେ ସେ ଯିହୁଦୀମାନଙ୍କର ବଂଶଧର ଅଟନ୍ତି ଓ ସେଥିପାଇଁ ସେମାନଙ୍କର ସାହାଯ୍ୟ ଆବଶ୍ୟକ କରନ୍ତି ।

ଇସ୍ରାଏଲର ପ୍ରଧାନମନ୍ତ୍ରୀ ନପ୍ତାଲୀ ବେନେଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ଏପ୍ରିଲ, ୨ ତାରିଖରେ ଭାରତକୁ ଆସିଥିଲେ । ସେଥିପାଇଁ ଇସ୍ରାଏଲ ବର୍ତ୍ତମାନ ଯୁଦ୍ଧ ପ୍ରସ୍ତୁତି ମଧ୍ୟରେ ନାହିଁ । ଋଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଭାରତ ନିରପେକ୍ଷ ରହିଅଛି । କିନ୍ତୁ ମାନବିକ ଦୃଷ୍ଟିକୋଣରୁ ଭାରତ ୟୁକ୍ରେନକୁ ସହାୟତା ଯୋଗଉଅଛି ।

୨୬ ଦିନ ପରେ, ଯୁଦ୍ଧ ଏକ ବିଶ୍ୱ ଯୁଦ୍ଧରେ ପରିଣତ ହେବାର ସମ୍ଭାବନା ଦେଖା ଦେଇଛି । ସେହି କ୍ଷେତ୍ରରେ, ଋଷିଆ ଇସ୍ରାଏଲକୁ ତା'ର ମୁଖ୍ୟ ଶତ୍ରୁ ଭାବରେ ଗ୍ରହଣ କରିବ ଓ ଏହା ତୃତୀୟ ବିଶ୍ୱ ଯୁଦ୍ଧରେ ପରିଣତ ହେବ । ଜେଲେନ୍‌ସ୍କିଙ୍କ ଅନୁସାରେ, ଇସ୍ରାଏଲ ନିକଟରେ ଯେ କୌଣସି ଦେଶକୁ କିମ୍ବା ଦେଶଗୁଡ଼ିକୁ ପରାସ୍ତ କରିବା ପାଇଁ ସାମରିକ ଶକ୍ତି ରହିଛି । ଯଦି ଇସ୍ରାଏଲକୁ ଆକ୍ରମଣ କରାଯାଏ, ତେବେ ଆଗାମୀ ଦିନଗୁଡ଼ିକରେ ପରିସ୍ଥିତି କ'ଣ ହେବ, ତାହା କେହି କହିପାରିବେ ନାହିଁ ।

ପବିତ୍ର ବାଇବଲ ଅନୁସାରେ, ଆର୍ମାଗିଦନ୍ ଯୁଦ୍ଧ ପୂର୍ବରୁ, ଋଷିଆ ଇସ୍ରାଏଲ ବିରୁଦ୍ଧରେ ଆସିବ । ଇସ୍ରାଏଲ ଯୁଦ୍ଧରେ ଜୟ ଲାଭ କରିବ ଓ ଇସ୍ରାଏଲର ଲୋକମାନେ ଅବଶିଷ୍ଟ ଯୁଦ୍ଧ ଯନ୍ତ୍ରପାତିଗୁଡ଼ିକୁ ୭ ବର୍ଷ ଧରି ଜାଳେଣି କାଠ ଭାବରେ ବ୍ୟବହାର କରିବେ । ଆଜିକାଲି ଋଷିଆ ନରୱେରୁ ଏକ ବିଶେଷ ପ୍ରକାର କାଠ ଆମଦାନୀ କରି ତଦ୍ୱାରା ଯୁଦ୍ଧ ବିମାନସବୁ ନିର୍ମାଣ କରୁଅଛି ଓ ସେହି ବିମାନଗୁଡ଼ିକ ୭ଗୁଣ ଶକ୍ତିଶାଳୀ, ମାତ୍ର କମ୍ ଓଜନ ବିଶିଷ୍ଟ ଅଟେ (ଯିହିଜିକଲ ୩୮ ଓ ୩୯ ଅଧ୍ୟାୟ) । ମାତ୍ର ସବୁକିଛି ଈଶ୍ୱରଙ୍କ ଇଚ୍ଛାରେ ଘଟିବ ବୋଲି ଆମେ ଜାଣୁ । ଆସନ୍ତୁ, ପୃଥିବୀ ବାସୀଙ୍କର ସୁରକ୍ଷା ନିମନ୍ତେ ଆମେ ପ୍ରାର୍ଥନା କରିବା ।

ଯଦିଓ ବର୍ତ୍ତମାନର ଯୁଦ୍ଧ ଯୁକ୍ତିଯୁକ୍ତ ଭାବରେ ସମାପ୍ତ ହୋଇପାରେ, ତଥାପି ଈଶ୍ୱରଙ୍କ ଯୋଜନା ପ୍ରକାଶିତ ପୁସ୍ତକରେ ଉଲ୍ଲିଖିତ ହୋଇସାରିଛି । ସେଠାରେ ବର୍ଣ୍ଣିତ ହୋଇଥିବା ସାତତୂରୀ ଧ୍ୱନି, ସାତ ମୁଦ୍ରା ଭାଙ୍ଗିବା ଓ ସାତ ପାତ୍ରରୁ ଢ଼ଳାଯିବା ଘଟଣାଗୁଡ଼ିକ ପ୍ରଭୁଙ୍କର କାର୍ଯ୍ୟସୂଚୀ ଅନୁସାରେ ଘଟିବ । ଆମେ ପ୍ରଥମ ଚାରି ମୁଦ୍ରା ଭଗ୍ନ ହେବାର ପରିଣତି ଭୋଗ କରୁଅଛୁ । ପଞ୍ଚମ ମୁଦ୍ରାକୁ ସାତବର୍ଷର କ୍ଳେଶର ପ୍ରଥମାର୍ଦ୍ଧ ସମୟରେ ଭଙ୍ଗାଯିବ ଓ ସେତେବେଳେ ସେମାନେ ସାକ୍ଷ୍ୟମର ଭାବରେ ମୃତ୍ୟୁବରଣ କରିବେ । ମୁଁ ତ୍ରୀବ୍ର ଭାବରେ, ଏହା ଅନୁଭବ କରୁଅଛି ଯେ ବର୍ତ୍ତମାନ ଆମେ ପ୍ରଥମ ଚାରୋଟି ମୁଦ୍ରା ଭଗ୍ନ ହେବାର ସମୟ ମଧ୍ୟରେ ବାସ କରୁଅଛୁ । କାରଣ ଆମେ ଜଗତରେ ଓ ପ୍ରକୃତି ମଧ୍ୟରେ ନାନା ଚିହ୍ନ ଓ ଅଦ୍ଭୁତ ଘଟଣା ଘଟୁଥିବାର ଦେଖୁଅଛୁ । ଋଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଏହି ବର୍ତ୍ତମାନର ଯୁଦ୍ଧ ମୁଦ୍ରାଗୁଡ଼ିକ ଭଗ୍ନ କରିବା ଅନୁଯାୟୀ ଘଟୁଅଛି । ଯୀଶୁ ଖ୍ରୀଷ୍ଟ ମଧ୍ୟ ପବିତ୍ର ବାଇବଲର ମାଥିଉ ସୁସମାଚାର ୨୪ ଅଧ୍ୟାୟରେ ଏହି ସମସ୍ତ ବିଷୟ କହିଛନ୍ତି ।

ଯୁଗାନ୍ତ ଓ ଯୀଶୁଙ୍କର ଦ୍ୱିତୀୟ ଆଗମନ ସମ୍ବନ୍ଧରେ, ଯୀଶୁ ନୋହଙ୍କ ସମୟରେ ଘଟିଥିବା ଧ୍ୱଂସ ଓ ତାଙ୍କର ଦ୍ୱିତୀୟ ଆଗମନ ସମୟର ଧ୍ୱଂସ ମଧ୍ୟରେ ତୁଳନା କରିଥିଲେ । ଈଶ୍ୱର ନୋହଙ୍କୁ ଏକ ଜାହାଜ ନିର୍ମାଣ କରିବା ପାଇଁ କହିଥିଲେ, କାରଣ ସେ ମହାପ୍ଲାବନ ଦ୍ୱାରା ପୃଥିବୀକୁ ଧ୍ୱଂସ କରିବାକୁ ଯାଉଥିଲେ ଓ କେବଳ ନୋହ ଓ ତାଙ୍କ ପରିବାରକୁ ରକ୍ଷା କରିବାକୁ ଇଚ୍ଛା କରିଥିଲେ । ନୋହ ଈଶ୍ୱରଙ୍କର ବାଧ୍ୟ ହୋଇଥିଲେ ଓ ସେ ଓ ତାଙ୍କର ପରିବାର ଈଶ୍ୱରଙ୍କ ଆଜ୍ଞାନୁସାରେ ଜାହାଜ ନିର୍ମାଣ କରିବା ଆରମ୍ଭ କରିଥିଲେ । ବାଇବଲ ବିଦ୍ୱାନମାନଙ୍କ ମତରେ ଜାହାଜ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ନୋହଙ୍କୁ ପ୍ରାୟ ୧୦୦ ବର୍ଷ ଲାଗିଥିଲା । ସେହି ସମୟର ଲୋକମାନେ ନୋହଙ୍କୁ ଥଟ୍ଟା ପରିହାସ କରିଥିଲେ । କିନ୍ତୁ ନୋହ ଅନୁତାପ କରି ଜାହାଜ ମଧ୍ୟରେ ପ୍ରବେଶ କରିବା ପାଇଁ ସେମାନଙ୍କ ନିକଟରେ ପ୍ରଚାର କରିଥିଲେ (୨ ପିତର ୨:୫) । ମାତ୍ର କେହି ତାଙ୍କ ନିବେଦନ ପ୍ରତି ମନୋଯୋଗୀ ହୋଇ ନ ଥିଲେ । ଜାହାଜ ପ୍ରଭୁଙ୍କର ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ ହୋଇଥିଲା ।

ଯୀଶୁ କହିଥିଲେ, "ଜଳପ୍ଲାବନର ପୂର୍ବବର୍ତ୍ତୀ ସମୟରେ ଜାହାଜରେ ନୋହଙ୍କର ପ୍ରବେଶ କରିବା ଦିନ ପର୍ଯ୍ୟନ୍ତ ଲୋକେ ଯେପରି ଭୋଜନ ପାନ ଏବଂ ବିବାହ କରିବା ଓ ବିବାହ ଦେବାରେ ପ୍ରବୃତ୍ତ ଥିଲେ, ପୁଣି ଜଳପ୍ଲାବନ ଆସି ସମସ୍ତଙ୍କୁ ଭସାଇ ନ ଦେବା ପର୍ଯ୍ୟନ୍ତ ଯେପରି ଜାଣି ନ ଥିଲେ, ମନୁଷ୍ୟ ପୁତ୍ରଙ୍କର ଆଗମନ ମଧ୍ୟ ସେହି ପ୍ରକାର ହେବ । ନୋହ ଓ ତାଙ୍କ ପରିବାରର ଆଠ ସଦସ୍ୟ ଜାହାଜରେ ପ୍ରବେଶ କରିବା ପରେ ସଦାପ୍ରଭୁ ଦ୍ୱାରା ବନ୍ଦ କରିଥିଲେ । ବନ୍ୟା ଆସି ଜାହାଜ ବାହାରେ ଥିବା ସମସ୍ତ ଲୋକଙ୍କୁ ଭସାଇ ନେଇଥିଲା । ନୋହ ଓ ତାଙ୍କ ପରିବାର ବ୍ୟତୀତ ଅନ୍ୟ ସମସ୍ତେ ବିନଷ୍ଟ ହୋଇଥିଲେ (ମାଥିଉ ୨୪:୩୭-୩୯ ଦେଖନ୍ତୁ) ।

ବର୍ତ୍ତମାନ ଜଗତ ନୋହଙ୍କ ସମୟରେ ଅପେକ୍ଷା କୌଣସି ପ୍ରକାରେ ଅଧିକ ଉତ୍ତମ ନୁହେଁ । ଜଗତ ପାପ ଓ ଦୁର୍ନୀତିରେ ପରିପୂର୍ଣ୍ଣ ହୋଇଥିବାରୁ ସଦାପ୍ରଭୁଙ୍କର ହସ୍ତକ୍ଷେପ ଆବଶ୍ୟକ ହେଉଅଛି । ଆମେ ପ୍ରକୃତରେ ଶେଷ ଦିନରେ ବାସ କରୁଅଛୁ ।

ବର୍ତ୍ତମାନ ଗୋଟିଏ ବହୁମୂଲ୍ୟ ପ୍ରଶ୍ନ ହେଉଛି – ଯୀଶୁ କେବେ ଆସିବେ ? ଅନେକେ ମତ ଦିଅନ୍ତି ଯେ ଯୀଶୁ ମହାକ୍ଳେଶର ସାତବର୍ଷ ଆରମ୍ଭ ହେବା ପୂର୍ବରୁ ଓ ଖ୍ରୀଷ୍ଟାରିର ଆଗମନ ପୂର୍ବରୁ ଆସିବେ । କେତେକ ଲୋକ ୨ ଥେସଲନୀକୀୟ ୨:୧-୩ ଉଲ୍ଲେଖ କରି କହନ୍ତି ଯେ ମହାକ୍ଳେଶ ସମୟରେ ଖ୍ରୀଷ୍ଟାରିର ଆଗମନ ହେବ । ଖ୍ରୀଷ୍ଟାରି କେବେ ଆବିର୍ଭାବ ହେବ, ଏହା ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ । ଯୀଶୁ ମହାକ୍ଳେଶର ଶେଷରେ ଜୀତ ପର୍ବତ ଉପରେ ଅବତରଣ କରିବେ ଓ ଆର୍ମାଗିଦନଠାରେ ଖ୍ରୀଷ୍ଟାରିକୁ ପରାସ୍ତ କରିବେ ।

ତେବେ ମୁଦ୍ରାଗୁଡ଼ିକୁ କେବେ ଭଙ୍ଗାଯିବ ? ଯୀଶୁ ନିଜେ କହିଥିଲେ ଯେ ଅନେକେ ତାଙ୍କ ନାମରେ ଉଠି କହିବେ, **"...ମୁଁ ଖ୍ରୀଷ୍ଟ, ପୁଣି ଅନେକଙ୍କୁ ତଦ୍ୱାରା ପ୍ରତାରିତ ହେବେ"** (ମାଥିଉ ୨୪:୫) । ଏହା ଖ୍ରୀଷ୍ଟାରିର ଆତ୍ମାର କାର୍ଯ୍ୟ ଅଟେ । ଖ୍ରୀଷ୍ଟାରିର ଆତ୍ମା ଜଗତ ମଧ୍ୟରେ ପ୍ରବେଶ କରି ସାରିଛି ଓ ବର୍ତ୍ତମାନ କାର୍ଯ୍ୟରତ ଅଛି । ପ୍ରଥମ ମୁଦ୍ରା କେବେ ଭଙ୍ଗାଯିବ ?

## ୧. ପ୍ରଥମ ମୁଦ୍ରା !

ଯେତେବେଳେ ମେଷଶାବକ ପ୍ରଥମ ମୁଦ୍ରା ଭାଙ୍ଗିଲେ, ସେତେବେଳେ ଯୋହନ ଗୋଟିଏ ଶୁକ୍ଳବର୍ଣ୍ଣ ଅଶ୍ୱକୁ ଦେଖିଲେ । ଏହାର ଆରୋହୀଙ୍କ ହସ୍ତରେ ଗୋଟିଏ ଧନୁ ଥିଲା ଓ ତାହାଙ୍କୁ ଗୋଟିଏ ମୁକୁଟ ଦତ୍ତ ହେଲା, ଆଉ ସେ ବିଜୟୀ ହୋଇ ଜୟ କରିବାକୁ ବାହାରି ଗଲେ (ପ୍ରକାଶିତ ୬:୧,୨) । ଶ୍ୱେତ ଅଶ୍ୱ ଉପରେ ବସିଥିବା ବ୍ୟକ୍ତି ଖ୍ରୀଷ୍ଟାରି ନୁହେଁ କାରଣ ସେ ଅନେକ ଗୋଷ୍ଠୀ (ଲୋକ) ମଧ୍ୟରୁ ବିଜୟୀ ହୋଇ ବାହାରି ଆସିବ ସେ ଏକ ଆତ୍ମା ନୁହେଁ, ମାତ୍ର ସେ କୌଣସି ରାଜା କିମ୍ବା ରାଷ୍ଟ୍ରପତି କିମ୍ବା ପ୍ରଧାନ ମନ୍ତ୍ରୀ ହୋଇଥିବେ ବୋଲି ଅନୁମାନ କରାଯାଇଛି । କିନ୍ତୁ ଯୋହନ ଦେଖିଥିବା ବ୍ୟକ୍ତି ପ୍ରକୃତରେ ଖ୍ରୀଷ୍ଟାରିର ଆତ୍ମା ଅଟେ ଯିଏ ପ୍ରଥମ ଶତାବ୍ଦୀରେ ହିଁ ଆବିର୍ଭାବ ହୋଇ ସାରିଥିଲା । ପ୍ରଥମ ଶତାବ୍ଦୀରେ ବାସ କରୁଥିବା ପ୍ରେରିତ ଯୋହନ ଖ୍ରୀଷ୍ଟାରିର ଆତ୍ମାର ଉପସ୍ଥିତିକୁ ଦେଖିଥିଲେ ଓ ତାଙ୍କ ପତ୍ରରେ ସତର୍କ କରାଇ କହିଥିଲେ, "ହେ ବତ୍ସଗଣ, ଶେଷ କାଳ ଉପସ୍ଥିତ, ପୁଣି, ଖ୍ରୀଷ୍ଟାରି ଆସିବବୋଲି ତୁମ୍ଭେମାନେ ଯେପରି ଶୁଣିଥିଲ, ସେହିପରି ଏବେ ମଧ୍ୟ ଅନେକ ଖ୍ରୀଷ୍ଟାରି ଉଠିଲେଣି, ଏତଦ୍ୱାରା ଆମ୍ଭେମାନେ ଜାଣୁଅଛୁ ଯେ, ଶେଷକାଳ ଉପସ୍ଥିତ" (୧ ଯୋହନ ୨:୧୮) । ଯେଉଁ ବ୍ୟକ୍ତି ପିତା ଓ ପୁତ୍ରଙ୍କୁ ଅସ୍ୱୀକାର କରେ, ସେ ଖ୍ରୀଷ୍ଟାରି ଅଟେ (୧ ଯୋହନ ୨:୨୨) । ଆମେ କହି ସାରିଛୁ ଯେ ଯେଉଁ ଖ୍ରୀଷ୍ଟାରି ଗୋଷ୍ଠୀଗଣ ମଧ୍ୟରୁ ବାହାରି ଆସିବ ସେ ଏପର୍ଯ୍ୟନ୍ତ ଆସି ନାହିଁ ଓ ଯୋହନ ଯେଉଁ ବ୍ୟକ୍ତିକୁ ଦେଖିଥିଲେ, ସେ ଖ୍ରୀଷ୍ଟାରିର ଆତ୍ମା ଅଟେ । ଆମେ ଏହି ପ୍ରକାର ଆତ୍ମା ବିଶିଷ୍ଟ ଲୋକମାନଙ୍କୁ ଏବେ ମଧ୍ୟ ଦେଖୁଅଛୁ । ଶ୍ୱେତ ଅଶ୍ୱ ଉପରେ ବସିଥିବା ବ୍ୟକ୍ତିକୁ ଶ୍ୱେତ ଅଶ୍ୱ ଉପରେ ବସିଥିବା ମେଷଶାବକ ବୋଲି ଭାବନ୍ତୁ ନାହିଁ (ପ୍ରକାଶିତ ୧୯:୧୧) ।

## ଦ୍ୱିତୀୟ ମୁଦ୍ରା

ଦ୍ୱିତୀୟ ମୁଦ୍ରା ଭଙ୍ଗାଯିବା ପରେ ଗାଢ଼ ଲୋହିତ ବର୍ଣ୍ଣର ଅଶ୍ୱ ବାହାରି ଆସିଲା । ଏହାର ଆରୋହୀଙ୍କୁ ପୃଥିବୀରୁ ଶାନ୍ତି ଦୂର କରିବା ପାଇଁ ଓ ଲୋକମାନେ ଯେପରି ପରସ୍ପରକୁ ହତ୍ୟା କରିବେ, ଏଥିପାଇଁ ତାକୁ କ୍ଷମତା ଓ ଖଡ୍ଗ ଦିଆଗଲା (ପ୍ରକାଶିତ ୬:୩,୪) । ଏହାର ଅର୍ଥ ଯୁଦ୍ଧ ଓ ଆତଙ୍କବାଦୀ କାର୍ଯ୍ୟ ଚଳାଇବା ପାଇଁ ତାକୁ ଅଧିକାର ଦିଆଗଲା । ହଜାର ହଜାର ବର୍ଷ ପୂର୍ବରୁ, ଏହି ପରିସ୍ଥିତି ପୃଥିବୀରେ ପ୍ରଚଳିତ ଅଛି । ବର୍ତ୍ତମାନ ତା'ର କାର୍ଯ୍ୟ ବୃଦ୍ଧି ପାଇଛି ।

## ତୃତୀୟ ମୁଦ୍ରା

ଯେତେବେଳେ ତୃତୀୟ ମୁଦ୍ରା ଭଙ୍ଗାଗଲା, ସେତେବେଳେ ଗୋଟିଏ କୃଷ୍ଣ ବର୍ଣ୍ଣର ଅଶ୍ୱ ବାହାରିଲା ଓ ଏହାର ଆରୋହୀକୁ ଗୋଟିଏ ତରାଜୁ ଦିଆଗଲା । ପୃଥିବୀରେ ଦୁର୍ଭିକ୍ଷ ଆଣିବା ପାଇଁ ତାହାକୁ ଅଧିକାର ଦିଆଗଲା । ଏହା ପୃଥିବୀର ଅନେକ ଅଞ୍ଚଳରେ ଦେଖା ଯାଉଅଛି । ଇଥିଓପିଆ, ସୁଦାନ, ସୋମାଲିଆ ଭଳି କେତେକ ଆଫ୍ରିକୀୟ ଦେଶ, ପ୍ରାୟତଃ, ଦୁର୍ଭିକ୍ଷର ସମ୍ମୁଖୀନ ହୁଅନ୍ତି । ଏଇ ନିକଟରେ, ଗୋଟିଏ ଭୟଙ୍କର ଅଗ୍ନି-ଉଦ୍‌ଗୀରଣ ଦ୍ୱୀପ ଦେଶ ହାଇତୀକୁ ଆଘାତ କରିଥିଲା ଓ ଏହା ଫଳରେ, ଭୟଙ୍କର ସୁନାମୀ ଘଟି ଦ୍ୱୀପଟିକୁ ଧ୍ୱସ୍ତବିଧ୍ୱସ୍ତ କରିଥିଲା । ବର୍ତ୍ତମାନ ସେଠିକାର ଲୋକମାନେ ରୋଟୀ ଭଳି ଆକାରର ମାଟିରେ ପ୍ରସ୍ତୁତ ହୋଇଥିବା ଓ ସୂର୍ଯ୍ୟ କିରଣରେ ସେକା ଯାଇଥିବା ପିଠା ଖାଉଛନ୍ତି । ଶ୍ରୀଲଙ୍କା ମଧ୍ୟ ଅର୍ଥନୈତିକ ସମସ୍ୟା ଓ ଘୋର ଖାଦ୍ୟାଭାବ ମଧ୍ୟ ଦେଇ ଗତି କରୁଅଛି । ଅଫଗାନି ସ୍ଥାନରେ ଦୁର୍ଭିକ୍ଷର ପରିସ୍ଥିତି ଘଟିବାକୁ ଯାଉଛି । ପୂର୍ବାନୁମାନ କରାଯାଉଛି ଯେ ବର୍ତ୍ତମାନର କୋଭିଡ୍‌-୧୯ ମହାମାରୀ ଯୋଗୁ ପୃଥିବୀରେ ଘୋର ଖାଦ୍ୟାଭାବ ଦେଖାଯିବ ।

ବିଲ୍‌ଗେଟ୍‌ସ ଓ ଅନ୍ୟ କୋଟିପତିମାନେ ଆମେରିକାରେ ଓ ଅନ୍ୟ ଦେଶଗୁଡ଼ିକରେ ଲକ୍ଷ ଲକ୍ଷ ଏକରର ଚାଷ ଜମି କିଣି ଚାଷକାର୍ଯ୍ୟ ଆରମ୍ଭ କରିଛନ୍ତି । ସେମାନେ ଶସ୍ୟ ବଜାରରେ ପ୍ରବେଶ କରି ସେମାନଙ୍କର ଦ୍ରବ୍ୟସବୁ ବିକିବା ଆରମ୍ଭ କରି ଦେଇଛନ୍ତି । ଏହି ନିକଟରେ ଭାରତରେ ତିନୋଟି କୃଷି ଆଇନ ପ୍ରଣୟନ କରାଯାଇଥିଲା ଓ ପରେ ସେଗୁଡ଼ିକୁ ପ୍ରତ୍ୟାହାର କରା ଯାଉଥିଲା । ଏହା କୋଟିପତିମାନଙ୍କୁ ବହୁଳ ପରିମାଣରେ କୃଷି କ୍ଷେତ୍ରରେ ପ୍ରବେଶ କରି ବ୍ୟବସାୟ କରିବା ପାଇଁ ସୁଯୋଗ ଦେବାକୁ ଉଦ୍ଦିଷ୍ଟ ଥିଲା । କୁହାଯାଉଛି ଯେ ବିର୍ଲା କମ୍ପାନୀ ସମଗ୍ର ଦେଶରେ ବଡ଼ ବଡ଼ ଶସ୍ୟାଗାର ନିର୍ମାଣ କରିସାରିଛି । କ'ଣ ଘଟିବ ? ସେମାନେ ବଜାରର ସମଗ୍ର ଶସ୍ୟକୁ କ୍ରୟ କରି ଏକ କୃତ୍ରିମ ଖାଦ୍ୟାଭାବ ସୃଷ୍ଟି କରନ୍ତି । ବର୍ତ୍ତମାନ ଯେଉଁ ଚାଉଳକୁ ଗୋଟିଏ କିଲୋ ଗ୍ରାମ ପିଛା ୫୦ ଟଙ୍କା ଦରରେ ବିକ୍ରି କରାଯାଉଛି, ତାହା ହୁଏତ କିଲୋ ପିଛା ୫୦୦ ଟଙ୍କା ହୋଇପାରେ । ସେଥିପାଇଁ ତରାଜୁ ଧରିଥିବା ବ୍ୟକ୍ତି ନିଜ କାର୍ଯ୍ୟରେ ତତ୍ପର ଅଛି ।

## ଚତୁର୍ଥ ମୁଦ୍ରା

ଚତୁର୍ଥ ମୁଦ୍ରା ଭଙ୍ଗା ଯିବା ପରେ ଗୋଟିଏ ପାଣ୍ଡୁ ବର୍ଣ୍ଣ ବାହାରିଲା ଓ ଏହାର ଆରୋହୀର ନାମ ମୃତ୍ୟୁ ଥିଲା । ପୁଣି ପାତାଳ (ହାଦେସ୍‌) ତାହାର ପଛେ ପଛେ ଚାଲୁଥିଲା । ଖଡ୍ଗ, ଦୁର୍ଭିକ୍ଷ, ମହାମାରୀ ଓ ପୃଥିବୀର ବନ୍ୟ ପଶୁମାନଙ୍କ ଦ୍ୱାରା ବିନାଶ କରିବାକୁ ପୃଥିବୀର ଚତୁର୍ଥାଂଶ ଉପରେ ସେମାନଙ୍କୁ କ୍ଷମତା ଦିଆଗଲା । ଦେଶସମୂହ ଏକ ଆରେକ ବିରୁଦ୍ଧରେ ଖଡ୍ଗ ଉଠାଇବେ ଓ ପୃଥିବୀ ୧୯୧୮ ଓ ୧୯୪୫ରେ ଦୁଇଟି ବିଶ୍ୱଯୁଦ୍ଧ ଦେଖି ସାରିଲାଣି ଓ ତଦ୍ୱାରା କୋଟିକୋଟି ଲୋକ ନିହତ ହୋଇଥିଲେ । ଆହୁରି ମଧ୍ୟ ପୃଥିବୀର ଅନେକ ସ୍ଥାନରେ ଯୁଦ୍ଧ ସଂଘଟିତ ହେଉଅଛି ଓ ତଦ୍ୱାରା ବହୁ ପରିମାଣର ପ୍ରାଣ ନାଶ ହେଉଅଛି । ଏଚ୍‌.ଆଇ.ଭି, ଏଚ.ଆଇଭି ୧, ଏଚ୍‌.ଏନ୍‌ (୧୯୫୭), ଜାଇକା (୨୦୧୮), ଫ୍ଲୁ (୧୯୬୮ ଓ ୨୦୨୦) ଏବଂ ନିଫା (୨୦୨୧) ଓ ବର୍ତ୍ତମାନର କୋଭିଡ୍‌-୧୯ ଭଳି ଭୂତାଣୁ ଜନିତ ରୋଗ ଦ୍ୱାରା ଅନେକ ଲୋକ ମୃତ୍ୟୁବରଣ କରିଛନ୍ତି । ପଶୁପକ୍ଷୀ ଏହିପରି ଭୂତାଣୁ ଗୁଡ଼ିକର ବାହକ ଅଟନ୍ତି । ସେଗୁଡ଼ିକ ମାନବ ଜୀବନର ଅନେକ କ୍ଷତି କରୁଛନ୍ତି । ଥରେ ଗୋଟିଏ ଭୂତାଣୁ ଆକ୍ରମଣ କଲେ, ଏହା ସହଜରେ ମରିବ ନାହିଁ । ସେଗୁଡ଼ିକ ଆଜି ମଧ୍ୟ ଘୁରି ବୁଲୁଛନ୍ତି ।

## ପଞ୍ଚମ ମୁଦ୍ରା

ପଞ୍ଚମ ମୁଦ୍ରା ଭଙ୍ଗାଯିବା ପରେ, ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ସକାଶେ ଓ ସେମାନଙ୍କର ସାକ୍ଷ୍ୟ ସକାଶେ ନିହତ ହୋଇଥିଲେ, ସେମାନଙ୍କ ଆତ୍ମାଗୁଡ଼ିକୁ ଯୋହନ ବେଦୀ ତଳେ ଦେଖିଲେ । ସେମାନଙ୍କୁ ମହାକ୍ଳେଶର ପ୍ରଥମ ସାଢ଼େ ତିନି ବର୍ଷ ମଧ୍ୟରେ ହତ୍ୟା କରାଯାଇଥିଲା । ସେମାନେ ଉର୍ଦ୍ଧାନ୍ତର ପରେ, ଈଶ୍ୱରଙ୍କ ବାକ୍ୟ ସପକ୍ଷରେ ଠିଆ ହୋଇଥିଲେ ଓ ତାଙ୍କ ସାକ୍ଷ୍ୟ ବହନ କରିଥିଲେ । ସେଥିପାଇଁ, ଏହି ମୁଦ୍ରାକୁ ହୁଏତ ଉର୍ଦ୍ଧାନ୍ତର ପରେ ଭଙ୍ଗାଯିବ ।

## ଷଷ୍ଠ ମୁଦ୍ରା

ଏ ପର୍ଯ୍ୟନ୍ତ ଭଙ୍ଗା ଯାଇଥିବା ମୁଦ୍ରାଗୁଡ଼ିକ ମଧ୍ୟରୁ ଷଷ୍ଠ ମୁଦ୍ରା ଭଙ୍ଗା ଯିବାର ପରିଣାମ ଅତି ଗୁରୁତର ଓ ଧ୍ୱଂସକାରୀ ଥିଲା । ଘଟିବାକୁ ଯାଉଥିବା ବିପର୍ଯ୍ୟୟଗୁଡ଼ିକୁ ମାଥିଉ ୨୪ ଅଧ୍ୟାୟରେ ଓ ପ୍ରକାଶିତ ବାକ୍ୟ ୬:୧୨-୧୭ରେ ଉଲ୍ଲେଖ କରାଯାଇଛି । ସେଗୁଡ଼ିକ ନିମ୍ନରେ ପ୍ରଦତ୍ତ ହୋଇଛି :

୧. ଗୋଟିଏ ମହା ଭୂମିକମ୍ପ ହେଲା, ସୂର୍ଯ୍ୟ ଲୋମନିର୍ମିତ କମ୍ବଳ ପରିକୃଷ୍ଣବର୍ଣ୍ଣ ଓ ଚନ୍ଦ୍ର ସଂପୂର୍ଣ୍ଣ ରକ୍ତବର୍ଣ୍ଣ ହେଲା ।
୨. ପ୍ରବଳ ବାୟୁର ଆଘାତରେ ଡିମିରି ବୃକ୍ଷରୁ ଯେପରି ଅପକ୍ୱ ଫଳସବୁ ପତିତ ହୁଏ, ସେହିପରି ଆକାଶର ନକ୍ଷତ୍ର ସବୁ ପୃଥିବୀରେ ପତିତ ହେଲେ ।
୩. ଆକାଶମଣ୍ଡଳ ଚର୍ମପୁସ୍ତକ ଗୁଡ଼ା ହେଲା ପରି ଗୁଡ଼ା ହୋଇ ଦୂରୀଭୂତ ହେଲା, ପୁଣି ପର୍ବତ ଓ ଦ୍ୱୀପ ସମସ୍ତ ସ୍ଥାନାନ୍ତରିତ ହେଲେ ।
୪. ପୃଥିବୀର ରାଜାମାନେ, ପାତ୍ର ମନ୍ତ୍ରୀମାନେ, ପ୍ରଧାନ ସେନାପତି ଓ ଧନୀମାନେ, ବଳବାନ ଲୋକମାନେ ଏବଂ ପରାଧୀନ ଓ ସ୍ୱାଧୀନ ଲୋକ ସମସ୍ତେ ଗୁହା ଓ ପର୍ବତ ମାଳାର ଶୈଳମାନଙ୍କ ମଧ୍ୟରେ ଆପଣା ଆପଣାକୁ ଲୁଚାଇଲେ ।
୫. ପୁଣି, ସେମାନେ ପର୍ବତ ଓ ଶୈଳମାନଙ୍କୁ କହିଲେ, "ଆମ୍ଭମାନଙ୍କ ଉପରେ ପଡ଼ି ସିଂହାସନୋପବିଷ୍ଟ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)


# ନିହିମିଆ ବାଇବଲ

**ଆବାସିକ ମହାବିଦ୍ୟାଳୟ, ସାଂଧ୍ୟ କଲେଜ**
ଭେଲାଚେରୀ / ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ

**ମାଧ୍ୟମ - ହିନ୍ଦୀ / ତାମିଲ**

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ - ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ**
**ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ**

**ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ** **ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !**

ଯୋଗାଯୋଗ : **The Chairman, Nehemiah Bible College.**
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
* ONLINE CLASSES ARE AVAILABLE *

GREAT COMMISSION PARTNERS
ECHO OF HIS CALL MINISTRIES SINCE 1969

# ମହା ଆଦେଶ ସାଥୀଗଣ

**ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)**

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ,**

**(୨୦୨୨ ମଇ ୧୯ ରୁ ୨୦୨୨ ଜୁନ ୧୮ ପର୍ଯ୍ୟନ୍ତ)**

**(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)**

## ପ୍ରଶଂସାର ବିଷୟ

ମଇ ୧୯ — ଭାରତରେ କୋଭିଡ୍-୧୯ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମଇ ୨୦ — ଆମର ଛାପାକଳ, ୧୬ଟି ଭାଷାରେ ମୁଦ୍ରିତ, ପ୍ରକାଶିତ ଓ ମିଶନ କ୍ଷେତ୍ରକୁ ପ୍ରେରିତ ପତ୍ରିକା ଉପରେ ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ତାଙ୍କର ପ୍ରଶଂସା କରନ୍ତୁ ।

ମଇ ୨୧ — କୋଭିଡ୍-୧୯ ସମୟରେ, ଈଶ୍ୱର ''ଆହ୍ୱାନର ପ୍ରତିଧ୍ୱନି''ର ସମସ୍ତ ସେବାକାର୍ଯ୍ୟ ଉପରେ ଆଶୀର୍ବାଦ କରିଥିଲେ ।

ମଇ ୨୨ — ଆମର ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାର ଗୁଡ଼ିକରେ ଥିବା ମଙ୍ଗଳଦାନ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମଇ ୨୩ — ଆମର ପ୍ରାର୍ଥନାସାଥୀ, ସଭ୍ୟ, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ ଓ ମହା ଆଦେଶ ସାଥୀଗଣଙ୍କ ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ।

ମଇ ୨୪ — ଆମ ମଣ୍ଡଳୀରେ ନୂତନ ବିଶ୍ୱାସୀମାନଙ୍କୁ ଅଭିଷେକ ଦ୍ୱାରା ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମଇ ୨୫ — ଈଶ୍ୱର ଗତ ମାସ ଆମର ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ'' ଉପରେ ଆଶୀର୍ବାଦ କରିଥିଲେ ।

ମଇ ୨୬ — ଆମର ପ୍ରଚାର ଯାତ୍ରାରେ ଅନୁଗ୍ରହପୂର୍ବକ ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମଇ ୨୭ — ଈଶ୍ୱର ଆମର ଅନ୍-ଲାଇନ୍ ହିନ୍ଦୀ ଥିଓଲୋଜିକାଲ୍ ପାଠ୍ୟକ୍ରମ ଉପରେ ଆଶୀର୍ବାଦ କରିଥିଲେ ।

ମଇ ୨୮ — ଆମ ଦେଶକୁ ସୁରକ୍ଷା ଦେଇଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମଇ ୨୯ — ନିୟମିତ ଭାବରେ ଥିଓଲୋଜିକାଲ୍ ଶିକ୍ଷାଧିବେଶନ ଚଳାଇବା ପାଇଁ ଆମକୁ ସାମର୍ଥ୍ୟ ଦେଇଥିବାରୁ ଈଶ୍ୱରଙ୍କର ପ୍ରଶଂସା ହେଉ ।

ମଇ ୩୦ — ଗତ ମାସରେ ଆମର ସମସ୍ତ ଆବଶ୍ୟକତା ପୂରଣ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମଇ ୩୧ — ୧୯୬୯ରୁ ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ପ୍ରତିବଦ୍ଧତା ଉପରେ ଈଶ୍ୱରଙ୍କ ଆଶୀର୍ବାଦ ରହିଥିବାରୁ ତାଙ୍କର ପ୍ରଶଂସା କରନ୍ତୁ ।

ଜୁନ ୧ — ଆମର ବାଇବଲ କରେସ ପଣ୍ଡେସ୍ ପାଠ୍ୟକ୍ରମ ଓ ଥିଓଲୋଜିକାଲ ପାଠ୍ୟକ୍ରମମର ଅଭିବୃଦ୍ଧି ପାଇଁ ଈଶ୍ୱରଙ୍କ ଧନ୍ୟବାଦ ଦିଅନ୍ତୁ ।

ଜୁନ ୨ — ଆମ କାର୍ଯ୍ୟକାରୀମାନଙ୍କର ପରିବାର ଉପରେ ଈଶ୍ୱର ଆଶୀର୍ବାଦ କରିଥିବାରୁ ତାଙ୍କର ପ୍ରଶଂସା କରନ୍ତୁ ।

ଜୁନ ୩ — ଆମର ପରମେଶ୍ୱର ଆମର ବରିଷ୍ଠ ପାଳକ ଏସ୍.ସାମ୍. ସେଲ୍‌ଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଉଛନ୍ତି ।

## ପ୍ରାର୍ଥନାର ବିଷୟ

ଜୁନ ୪ — ସୁସମାଚାର ଛାପାକଳ ଉପରେ ପ୍ରଭୁଙ୍କର ଆଶୀର୍ବାଦ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ ୫ — ଆମର ଆବାସିକ ନିହିମିୟା ବାଇବଲ କଲେଜ ପାଇଁ ଛାତ୍ର ଯୋଗାଇବା ନିମନ୍ତେ ପ୍ରାର୍ଥନା କରନ୍ତୁ ।

ଜୁନ ୬ — ଈଶ୍ୱରଙ୍କ ପ୍ରତି ସମସ୍ତ ଦେଶ ଓ ଜାତି ଯେପରି ନିଷ୍ଠା ପ୍ରକାଶ କରିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ ୭ — ଆମର ଇଂରାଜୀ ସହଯୋଗୀ ସଂପାଦକ ଯେପରି ସଂପୂର୍ଣ୍ଣ ସୁସ୍ଥ ହୋଇ ଶାନ୍ତିର ଜୀବନ କାଟିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ ୮ — ପୃଥିବୀରୁ କରୋନା ଭୂତାଣୁ ଯେପରି ଅତି ଶୀଘ୍ର ଦୂର ହେବ, ସେଥିପାଇଁ ପ୍ରାର୍ଥନାରେ ଲାଗି ରହନ୍ତୁ ।

ଜୁନ ୯ — ଆମର ସେବାକାର୍ଯ୍ୟ ଯେପରି ସମସ୍ତ ମାର୍ଗରେ ଓ ସମସ୍ତ ପରିମାଣରେ ସଂପ୍ରସାରିତ ହେବ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ ୧୦ — ସମସ୍ତ ବିଷୟରେ ଓ ସମସ୍ତ ଯୋଜନାରେ ଆମ ଦେଶ ଯେପରି ଏକତା ଓ ଉନ୍ନତିପ୍ରାପ୍ତ ହେବ ।

ଜୁନ ୧୧ — ଆମ ଅନୁଷ୍ଠାନ, ଏହାର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକର ମଙ୍ଗଳ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ ୧୨ — ସମସ୍ତ ଧର୍ମ ମଧ୍ୟରେ ଏକତା ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ ୧୩ — ସମସ୍ତ ଖ୍ରୀଷ୍ଟିଆନ ସଂସ୍ଥା ଉପରେ ଆଶୀର୍ବାଦ ଓ ସୁରକ୍ଷା ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ ୧୪ — ଦୁର୍ଗମ ସ୍ଥାନଗୁଡ଼ିକରେ ସୁସମାଚାର ପ୍ରସାର ପାଇଁ ଆମକୁ ଯେପରି ଈଶ୍ୱର ସମାର୍ଥ୍ୟ ଦେବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ ୧୫ — ସମଗ୍ର ପୃଥିବୀର ଲୋକମାନଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ ୧୬ — ଆମ ସାଥୀଗଣ, ରାଜ୍ୟ ସଂଯୋଜକ ଓ ସେମାନଙ୍କ ପରିବାର ଗୁଡ଼ିକ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ ୧୭ — ପୃଥିବୀରେ ତାହାଙ୍କ ରାଜ୍ୟ ନିର୍ମାଣ ପାଇଁ ଆମକୁ ବହୁ ଅଧିକ ଦର୍ଶନ ଦେବା ନିମନ୍ତେ ପ୍ରାର୍ଥନା କରନ୍ତୁ ।

ଜୁନ ୧୮ — ଆମର ବରିଷ୍ଠ ପାଳକ ଏସ୍.ସାମ୍. ସେଲ୍‌ଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେବା ନିମନ୍ତେ ପ୍ରାର୍ଥନା କରନ୍ତୁ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ବ୍ୟକ୍ତିଙ୍କ ଛାମୁରୁ ଓ ମେଷଶାବକଙ୍କ କ୍ରୋଧରୁ ଆମ୍ଭମାନଙ୍କୁ ଲୁଚାଇ ରଖ ।

୬. "କାରଣ ସେମାନଙ୍କ କ୍ରୋଧର ମହାଦିନ ଉପସ୍ଥିତ ହୋଇଅଛି, ଆଉ, କିଏ ଠିଆ ହୋଇପାରେ ?"

ପ୍ରିୟ ବନ୍ଧୁଗଣ, ଘଟିବାକୁ ଯାଉଥିବା ବିପର୍ଯ୍ୟୟ କିମ୍ବା ଘଟୁଥିବା କିମ୍ବା ଘଟି ସାରିଥିବା ବିପର୍ଯ୍ୟୟଗୁଡ଼ିକ ପ୍ରାୟ ୫୦ ବର୍ଷ ପୂର୍ବେ ଦେଖା ଯାଇ ନ ଥିଲା ଓ ଏହି ସମସ୍ତ ଘଟଣା ଏହାପରେ ଘଟୁଅଛି । ଉପରୋକ୍ତ ବିପର୍ଯ୍ୟୟ ଗୁଡ଼ିକ ଘଟିବା ଆରମ୍ଭ ହେଲାଣି ଓ ଆଗାମୀ ଦିନରେ ଏଗୁଡ଼ିକ ଚରମ ସୀମାରେ ପହଞ୍ଚିବେ । ଅବଶ୍ୟ, ଏହା ଅତିଶୀଘ୍ର କିମ୍ବା ୫୦ରୁ ୧୦୦ ବର୍ଷ ମଧ୍ୟରେ ଘଟିପାରେ । କାରଣ ସଦାପ୍ରଭୁଙ୍କ ଦୃଷ୍ଟିରେ ଗୋଟିଏ ଦିନ ସହସ୍ର ବର୍ଷ ତୁଲ୍ୟ ଓ ସହସ୍ର ବର୍ଷ ଗୋଟିଏ ଦିନ ତୁଲ୍ୟ ଅଟେ, ସେ ଅନନ୍ତକାଳୀନ ଅଟନ୍ତି ଓ ସେ ସୃଷ୍ଟିର ଆରମ୍ଭରୁ ଅଛନ୍ତି ଓ ପରେ ମଧ୍ୟ ରହିବେ ।

## ସପ୍ତମ ମୁଦ୍ରା

ପୁଣି ଯେତେବେଳେ ସପ୍ତମ ମୁଦ୍ରା ଭଙ୍ଗାଗଲା, ସେତେବେଳେ ସ୍ୱର୍ଗରେ ପ୍ରାୟ ଅର୍ଦ୍ଧ ଘଟିକା ପର୍ଯ୍ୟନ୍ତ ନୀରବତା ବିରାଜିତ ହେଲା (ପ୍ରକାଶିତ ୮:୧) । ଏହା ଲକ୍ଷ୍ୟ କରାଯିବା ଉଚିତ ଯେ ଯେତେବେଳେ ସମଗ୍ର ଜଗତ ବିଶୃଙ୍ଖଳିତ ଅବସ୍ଥାରେ ଥିଲା, ସେତେବେଳେ ଅଧଘଣ୍ଟାର ନୀରବତା ଏହା ସୂଚିତ କରିବ ଯେ ପୃଥିବୀ କେବେ ହେଲେ ଦେଖି ନ ଥିବା ଅତି ବଡ଼ ଓ ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହେବ । ସପ୍ତମ ମୁଦ୍ରା ଭଗ୍ନ ହେବା ମାତ୍ରେ କୌଣସି ବିପଦ ଘଟିବ ନାହିଁ ମାତ୍ର ଏହାପରେ ସପ୍ତତୂରୀ ଧ୍ୱନି ହେବ ଓ ସପ୍ତ ପାତ୍ରରୁ ଢ଼ଳାଯିବ । ବାଇବଲ ବିଦ୍ୱାନମାନେ ଏହା ବିଶ୍ୱାସ କରନ୍ତି ଯେ ମହାକ୍ଲେଶର ପ୍ରଥମ ସାଢ଼େ ତିନି ବର୍ଷ (୧୨୪୦ ଦିନ) ମଧ୍ୟରେ ତୂରୀ ଧ୍ୱନି ହେବ ଓ ସାତ ବର୍ଷର ମହାକ୍ଲେଶର ଦ୍ୱିତୀୟାର୍ଦ୍ଧରେ ସପ୍ତ ପାତ୍ରରୁ ଢ଼ଳାଯିବ । ପୁଣି ସାତ ବର୍ଷ ଆରମ୍ଭ ହେବା ପୂର୍ବରୁ ସାଧୁମାନଙ୍କୁ ଊର୍ଦ୍ଧ୍ୱକୁ ଉଠାଇ ନିଆଯିବ । ମହାକ୍ଲେଶ ପୂର୍ବରୁ ମଣ୍ଡଳୀକୁ ମଧ୍ୟ ଉଠାଇ ନିଆଯିବ ବୋଲି ଆମେ ଆଲୋଚନା କରିସାରିଛୁ ।

ବର୍ତ୍ତମାନ ଆମେ ଏପରି ଘଟଣାସବୁ ବର୍ଣ୍ଣନା କରିବାକୁ ଯାଉଅଛୁ ଯେଉଁଗୁଡ଼ିକ ଆମ ଚକ୍ଷୁ ସମ୍ମୁଖରେ ଘଟୁଅଛି ଓ ଯେଉଁଗୁଡ଼ିକ ୫୦ ବର୍ଷ ପୂର୍ବରୁ ଘଟି ନ ଥିଲା । ପୁଣି ଆମକୁ ଏହା ମଧ୍ୟ ବୁଝିବାକୁ ହେବ ଯେ ପ୍ରଥମ ଚାରି ମୁଦ୍ରା ଭଙ୍ଗାଯିବାର ପରିଣତି ଏ ପର୍ଯ୍ୟନ୍ତ ବନ୍ଦ ହୋଇ ନାହିଁ ମାତ୍ର ଏପର୍ଯ୍ୟନ୍ତ ଜଗତରେ ସେହି ସବୁ ଘଟୁଅଛି ।

## ଭୂମିକମ୍ପ, ସୂର୍ଯ୍ୟ କୃଷ୍ଣ ବର୍ଣ୍ଣ ଓ ଚନ୍ଦ୍ର ରକ୍ତ ବର୍ଣ୍ଣ ହେବା

ଭୂମିକମ୍ପ ପ୍ରଥମ ଶତାବ୍ଦୀରୁ କିମ୍ବା ତା' ପୂର୍ବରୁ ମଧ୍ୟ ଘଟୁଅଛି । ମାତ୍ର ସେଗୁଡ଼ିକର ତୀବ୍ରତା ବର୍ତ୍ତମାନ ସମୟରେ ବୃଦ୍ଧି ପାଇଛି ଓ ସେଗୁଡ଼ିକ ବାରମ୍ବାର ଘଟୁଅଛି । ପ୍ରାୟ ୧୦ ବର୍ଷ ପୂର୍ବେ, ଭାରତର ଗୁଜୁରାଟଠାରେ ଏକ ଭୟଙ୍କର ଭୂମିକମ୍ପ ଅନୁଭୂତ ହୋଇଥିଲା ଓ ତଦ୍ୱାରା ଶହ ଶହ ଲୋକ ପ୍ରାଣ ହରାଇବା ସଙ୍ଗେ ସଙ୍ଗେ ଗୃହ ସବୁ ଭୁଷୁଡ଼ି ପଡ଼ିଥିଲା । ପୁଣି, ଏଇ ନିକଟରେ ଜାପାନର ଫୁକୁଶିମାଠାରେ ଏକ ଶକ୍ତିଶାଳୀ ଭୂମିକମ୍ପ ଯୋଗୁ ସେଠାରେ ଥିବା ନିଉକ୍ଲିୟର ପାୱାର ପ୍ଲାଣ୍ଟ ଧ୍ୱଂସ ପାଇଥିଲା । ୨୦୦୪ରେ, ଇଣ୍ଡୋନେସିଆରେ ଘଟିଥିବା ଗୋଟିଏ ଭୂମିକମ୍ପ ଗୁରୁତର ଭାବରେ ଧନ ଜୀବନ ନଷ୍ଟ କରିଥିଲା ଓ ଏହାପରେ ଆସିଥିବା ସୁନାମୀ ଯୋଗୁ ଭାରତ, ଶ୍ରୀଲଙ୍କା, ଥାଇଲାଣ୍ଡ ଓ ଏହିପରି ଅନେକ ଉପକୂଳବର୍ତ୍ତୀ ଦେଶ ମଧ୍ୟ ଭୟଙ୍କର ଭାବେ ପ୍ରଭାବିତ ହୋଇଥିଲେ । ଭାରତର ପୂର୍ବ ଉପକୂଳରେ ୧.୫୦ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ ।

ପୃଥିବୀର ବିଭିନ୍ନ ଅଞ୍ଚଳରେ ବାରମ୍ବାର ଭୂମିକମ୍ପ ଘଟୁଅଛି ଓ ସମୟକୁ ସମୟ ଏହାର ତୀବ୍ରତା ଭିନ୍ନ ଭିନ୍ନ ହେଉଅଛି । ଏହା ଫଳରେ, ଭୂମିକମ୍ପ ଓ ସୁନାମୀ ମନୁଷ୍ୟର ଜୀବନକୁ ବିପଦ ମଧ୍ୟରେ ରଖିଅଛି ।

ସୂର୍ଯ୍ୟ ଆମ ଛାୟା ପଥର ସର୍ବବୃହତ୍ ନକ୍ଷତ୍ର ଅଟେ । ବିଗତ ୫୦ ବର୍ଷ ଧରି, ଷ୍ଟିଫେନ ହକିନସ୍ ନାମକ ବିଟ୍ରେନ୍ର ଜଣେ ପ୍ରସିଦ୍ଧ ବୈଜ୍ଞାନିକ କୃଷ୍ଣ ଗର୍ତ୍ତ ଉପସ୍ଥିତି ବିଷୟରେ କହି ଆସୁଥିଲେ । ଏହି ମତ ଲୋକପ୍ରିୟ ହୋଇଥିଲା ଓ ନାଶା ସମେତ ଅନେକ ବୈଜ୍ଞାନିକ ଏହାକୁ ସମର୍ଥନ କରିଥିଲେ । କୃଷ୍ଣ ଗର୍ତ୍ତଗୁଡ଼ିକ ସୂର୍ଯ୍ୟ ପୃଷ୍ଠରେ ଥିବା ଉଦ୍‌ଯାନ ବାଷ୍ପର ଦହନ ଯୋଗୁ ସୃଷ୍ଟି ହୁଏ ଓ ବିଶାଳ ଉପତ୍ୟକା ଭଳି ଗର୍ତ୍ତ ସବୁ ଗଠିତ ହୁଏ । ସୂର୍ଯ୍ୟର ଉତ୍ତାପ ଓ ବିକିରଣ ଯୋଗୁ ଏହା ବୃଦ୍ଧି ପାଇବାରେ ଲାଗିଛି । ସୌର ସୁନାମୀ ଭଳି ଗୋଟିଏ ଘଟଣା ଯୋଗୁ କୃଷ୍ଣ ଗର୍ତ୍ତଗୁଡ଼ିକରୁ ଉତ୍ତପ୍ତ ତରଙ୍ଗ ନିର୍ଗତ ହେବ । ଏହି ବିଦ୍ୟୁତ୍ ଶକ୍ତି ସଂପନ୍ନ ପଦାର୍ଥ ଯୋଗୁ ସୂର୍ଯ୍ୟର ନିକଟବର୍ତ୍ତୀ ଗ୍ରହଗୁଡ଼ିକ ବହୁଳଭାବରେ ପ୍ରଭାବିତ ହେଉଛନ୍ତି । ଆମ ପୃଥିବୀ ସୂର୍ଯ୍ୟଠାରୁ ଦୂରତା ଅନୁସାରେ ତୃତୀୟ ଗ୍ରହ ଅଟେ ଓ ଆମେ ବିପଦଗ୍ରସ୍ତ ଅବସ୍ଥାରେ ରହିଅଛୁ ।

ଏଇ ନିକଟରେ, ଅର୍ଥାତ୍ ୨୯-୦୧-୨୦୨୨ରେ, ଏହା ପୃଥିବୀକୁ ଆଘାତ କରିଥିଲା ଓ ଆଣ୍ଟାର୍କଟିକା ଅଞ୍ଚଳ ଓ ଗ୍ରୀନ୍‌ଲ୍ୟାଣ୍ଡରେ ଅନେକ କ୍ଷତି କରିଥିଲା । ସାଧାରଣତଃ, ଏହି ଦ୍ୱୀପ ସର୍ବଦା ବରଫାଚ୍ଛନ୍ନ ଥାଏ ଓ ସେଠାରେ ବୃଷ୍ଟିପାତ ହୁଏ ନାହିଁ । ମାତ୍ର ସୌର ସୁନାମୀ ଓ ଉତ୍ତାପରେ ପରିବର୍ତ୍ତନ ଯୋଗୁ, ଦ୍ୱୀପଟି ସବୁଜ ଆକାର ଧାରଣ କରିଥିଲା ଓ ବହୁ ପରିମାଣର ବରଫ ତରଳିବା ଯୋଗୁ ସମୁଦ୍ର ପତ୍ତନ ବୃଦ୍ଧି ପାଇଥିଲା । ଏତଦ୍ୱାରା ଉପକୂଳବର୍ତ୍ତୀ ଅଞ୍ଚଳ ଶୋଚନୀୟ ଭାବରେ ପ୍ରଭାବିତ ହୋଇଥିଲା । ଉପକୂଳବର୍ତ୍ତୀ ଦେଶଗୁଡ଼ିକ ଯେପରି ସେମାନଙ୍କର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେଇଯିବେ, ଏଥିପାଇଁ ସେମାନଙ୍କୁ ନୋଟିସ ଦିଆଯାଇଛି । ଇଣ୍ଡୋନେସିଆ ଏହାର ମୁଖ୍ୟାଳୟ, ଜାକର୍ତ୍ତାକୁ ଏକ ଆଭ୍ୟନ୍ତରୀଣ ସ୍ଥାନକୁ ଘୁଞ୍ଚାଇବା ଆରମ୍ଭ କରିସାରିଛି ଓ ପ୍ରାୟ ୩୦ ଲକ୍ଷ ଏହି ପ୍ରକ୍ରିୟାରେ ସ୍ଥାନାନ୍ତର ହେଉଛନ୍ତି ।


# ନିହିମିଆ ବାଇବଲ କଲେଜ

## ଆହ୍ୱାନର ପ୍ରତିଧ୍ୱନି

(ଆବାସିକ – ହିନ୍ଦୀ ଓ ସନ୍ଧ୍ୟାକାଳୀନ – ତାମିଲ)

ଏସିଆ ଥିଓଲୋଜିକାଲ୍ ଆସୋସିଏସନ୍ – ATA
ସଦସ୍ୟତା ପାଇଁ ପଞ୍ଜିକୃତ ପ୍ରାର୍ଥୀ

## ୨୩ ତମ ଉପାଧି ପ୍ରଦାନ ସେବା

ତାରିଖ ଜୁନ୍ ୩, ୨୦୨୨
ଶୁକ୍ରବାର ସନ୍ଧ୍ୟା ୫.୦୦

ବାଲାର କାଲଡି ନିଲୟମ ହଲ୍‌ଠାରେ,
M.R.C. Centre, Anitha Matriculation
School Compound, 5/6, Ritherdon Road,
Vepery, Chennai - 600 007.

ପ୍ରାର୍ଥନା ଓ ଅଂଶଗ୍ରହଣ କରନ୍ତୁ

- ୨୦୨୨-୨୦୨୩ ପାଇଁ ଆଡ୍‌ମିଶନ ଆରମ୍ଭ ହୋଇଛି ।
- ଦୟାକରି ଯୋଗ୍ୟ ଛାତ୍ରମାନଙ୍କର ପ୍ରସ୍ତାବ ଦିଅନ୍ତୁ ।
- ଆବାସିକ ହିନ୍ଦୀ ଛାତ୍ରମାନଙ୍କ ପାଇଁ ଛାତ୍ର ବୃତ୍ତି ଉପଲବ୍ଧ ।
- **Classes for the academic year 2022-23 will commence on 06.06.2022!!!!**

**Contact : Pr. S. Sam Selva Raj, President**

ବର୍ତ୍ତମାନ କୃଷ୍ଣଗର୍ତ୍ତ ସୂର୍ଯ୍ୟ ପୃଷ୍ଠର ପ୍ରାୟ ୧୨% ଅଧିକାର କଲାଣି ଓ ୧୦୦%ରେ ପହଞ୍ଚିବା ଆରମ୍ଭ କରିଛି । ଯେତେବେଳେ ଏହା ଘଟିବ, ସେତେବେଳେ ବାଇବଲରେ ଯାହା କୁହାଯାଇଛି, ତାହା ସଫଳ ହେବ ।

ପୃଥିବୀ ସୌର ସୁନାମୀ ଆକ୍ରମଣର ବିପଦ ମଧ୍ୟରେ ରହିଛି । ପୃଥିବୀ ନିର୍ମାଣ କରିବା ସମୟରେ, ଈଶ୍ୱର ଏହାକୁ ସୂର୍ଯ୍ୟର ବିକିରଣରୁ ରକ୍ଷା କରିବା ପାଇଁ, ଏହା ଉପରେ ତିନୋଟି ସୁରକ୍ଷାତ୍ମକ ସ୍ତର ରଖିଥିଲେ । ପ୍ରଥମ ଆବରଣ ଥିଲା, ଜଳର ଏକ ଆବରଣ, ଯାହା ସେତେବେଳେ ଶୁଖିଗଲା, ଯେତେବେଳେ ନୋହଙ୍କ ସମୟରେ ମହାପ୍ଲାବନ ଦ୍ୱାରା ଜଗତ ଧ୍ୱଂସ ପାଇଥିଲା । ଦ୍ୱିତୀୟ ସୁରକ୍ଷାତ୍ମକ ସ୍ତର, ଓଜୋନ୍ ମଧ୍ୟ ବହୁ ପରିମାଣର କାରଖାନା, ମୋଟର ଗାଡ଼ି, ଇତ୍ୟାଦିରୁ ନିର୍ଗତ ଅଙ୍ଗାରାକାମ୍ଳ, ନାଇଟ୍ରସ୍ ଅକ୍ସାଇଡ୍ ଭଳି ବିଷାକ୍ତ ଗ୍ୟାସ ଦ୍ୱାରା କ୍ଷୟ ପାଇବାରେ ଲାଗିଛି । ଆମ ଜୀବନ କାଳ ମଧ୍ୟରେ ଓଜୋନ ସ୍ତର ହ୍ରାସ ପାଇଯିବ । ବର୍ତ୍ତମାନ ତୃତୀୟ ସୁରକ୍ଷାତ୍ମକ ସ୍ତର, ଅର୍ଥାତ୍ ଚୁମ୍ବକୀୟ କ୍ଷେତ୍ର ହିଁ କେବଳ ଆମକୁ ସୂର୍ଯ୍ୟର ବିକିରଣରୁ ସୁରକ୍ଷା ଦେଉଅଛି । ଏହା ମଧ୍ୟ ନିରବଚ୍ଛିନ୍ନ ଭାବରେ ବିଷାକ୍ତ ବାଷ୍ପର ନିର୍ଗମନ ଯୋଗୁ ହ୍ରାସ ପାଇବାରେ ଲାଗିଛି ।

ମିଳିତ ଜାତିସଂଘ ପୃଥିବୀର ଦେଶଗୁଡ଼ିକୁ ବିଶେଷ ଭାବରେ ଶିଳ୍ପ ବହୁଳ ଦେଶଗୁଡ଼ିକୁ ଗ୍ୟାସ ନିର୍ଗମନ ହ୍ରାସ କରିବା ପାଇଁ ସତର୍କ କରି ଦେଇଛି । ଶୂନ୍ୟ ନିର୍ଗମନ ପ୍ରାପ୍ତି ପାଇଁ ପ୍ରତ୍ୟେକ ଦେଶ ଏକ ସମୟ ସୀମା ଧାର୍ଯ୍ୟ କରିଛି ଓ ଭାରତ ଆଗାମୀ ୩୦ ବର୍ଷ ମଧ୍ୟରେ ଏହା ସାଧନ କରିବ ବୋଲି ଲକ୍ଷ୍ୟ ରଖିଛି ।

ସୂର୍ଯ୍ୟର ଉତ୍ତାପ ବୃଦ୍ଧି ପାଉଥିବାରୁ ଆର୍କଟିକ୍ ଓ ଅନ୍ୟାନ୍ୟ ଅଞ୍ଚଳରେ ବରଫସବୁ କ୍ଷିପ୍ର ଭାବରେ ତରଳୁଛି ଓ ସମୁଦ୍ରର ଜଳସ୍ତର ବୃଦ୍ଧି ପାଉଛି । ଏହା ବାୟୁମଣ୍ଡଳରେ ତାପମାତ୍ରା ମଧ୍ୟ ବୃଦ୍ଧି କରୁଛି ଓ ସେଥି ଯୋଗୁ ଆକସ୍ମିକ ବୃଷ୍ଟିପାତ ଅଧିକାଂଶ ୟୁରୋପୀୟ ଦେଶ ଓ ବର୍ତ୍ତମାନ ସମୟରେ ଚୀନରେ ଧ୍ୱଂସଲୀଳା ରଚନା କରୁଅଛି ।

ଆଗାମୀ ଦିନଗୁଡ଼ିକରେ ସୂର୍ଯ୍ୟରେ କୃଷ୍ଣ ଗର୍ତ୍ତ ବୃଦ୍ଧି ପାଇବାକୁ ଯାଉଥିବାରୁ ଓ ସୌର ସୁନାମୀ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ, ପୃଥିବୀର ଦେଶଗୁଡ଼ିକ ଭୟ ଓ ନୈରାଶ୍ୟ ମଧ୍ୟରେ ଅଛନ୍ତି । ସେମାନେ ସେମାନଙ୍କର ଅତି ପ୍ରିୟ ବିଷୟଗୁଡ଼ିକୁ ଓ ଅନ୍ତତଃ, ଗୋଟିଏ ଭାଗ ଲୋକଙ୍କୁ ସୁରକ୍ଷା ଦେବାର ବିଭିନ୍ନ ଉପାୟସବୁ ଆବିଷ୍କାର କରୁଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକା ବଡ଼ ବଡ଼ ପର୍ବତ ତଳେ ୧୦୦ରୁ ଅଧିକ ଗଭୀର ସୁଡଙ୍ଗ ନିର୍ମାଣ କରିବାରେ ଅଗ୍ରଣୀ ଅଟେ । ପ୍ରତ୍ୟେକ ସୁଡ଼ଙ୍ଗର ଗଭୀରତା ପ୍ରାୟ ୧୪୦୦ ରୁ ୨୦୦୦ ଫୁଟ ଅଟେ । ପ୍ରତ୍ୟେକ ସୁଡ଼ଙ୍ଗର ଆକାର ଭିନ୍ନ ଭିନ୍ନ ହୋଇପାରେ । କିନ୍ତୁ, ପ୍ରତ୍ୟେକ ସୁଡଙ୍ଗ ପ୍ରାୟ ଗୋଟିଏ ଛୋଟ ସହର ଆକାରର ଅଟେ ଓ ତା' ମଧ୍ୟରେ ସମସ୍ତ ସାମ୍ଭାବ୍ୟ ବାସପୋଯୋଗୀ ବ୍ୟବସ୍ଥା ରହିଛି । ପ୍ରତ୍ୟେକ ସୁଡଙ୍ଗରେ ୪ ରୁ ୬ ମାସ ପର୍ଯ୍ୟନ୍ତ ରହିବାର ସମସ୍ତ ବ୍ୟବସ୍ଥା ଅଛି ଓ ପ୍ରତ୍ୟେକ ବ୍ୟକ୍ତି ପାଇଁ ମୂଲ୍ୟ/ଭଡ଼ା ପ୍ରାୟ ୨ ଲକ୍ଷ ଡଲାର ଅଟେ । ବେସରକାରୀ ସଂସ୍ଥା ମଧ୍ୟ ଏହି ବ୍ୟବସାୟରେ ଯୋଗ ଦେଇଛନ୍ତି ।

ପୁଣି ଅଧିକାଂଶ ୟୁରୋପୀୟ ଦେଶ ନିଜ ନିଜର ଲୋକମାନଙ୍କୁ ସୁରକ୍ଷା ଦେବା ପାଇଁ ସୁଡଙ୍ଗ ନିର୍ମାଣ ଆରମ୍ଭ କରିଛନ୍ତି । ସେହି ଦେଶଗୁଡ଼ିକ ମଧ୍ୟରେ ନରୱେ, ସ୍ୱିଜରଲ୍ୟାଣ୍ଡ, ସ୍ୱିଡେନ୍, ଇତ୍ୟାଦି ଅଗ୍ରଣୀ ଅଟନ୍ତି । ଅନେକ ଅନେକ ପ୍ରଶ୍ନର ଏ ପର୍ଯ୍ୟନ୍ତ ଉତ୍ତର ମିଳି ନାହିଁ । ଯେତେବେଳେ ବଡ଼ ବଡ଼ ଭୂମିକମ୍ପ କିମ୍ବା ଅଗ୍ନି ଉଦ୍‌ଗୀରଣ ହୁଏ, ସେତେବେଳେ କେତେ ପରିମାଣର ସୁଡଙ୍ଗ ସୁରକ୍ଷା ଯୋଗାଇ ପାରିବ । ଯେତେବେଳେ ପୃଥିବୀ ଏକ ଭୟଙ୍କର ବିପର୍ଯ୍ୟୟ ମଧ୍ୟରେ ଥାଏ, ସେତେବେଳେ ୪ କିମ୍ବା ୬ ମାସ ପାଇଁ ସୁରକ୍ଷା ଯଥେଷ୍ଟ ଅଟେ କି ? ମନୁଷ୍ୟ ଈଶ୍ୱରଙ୍କ ଯୋଜନାକୁ ବ୍ୟର୍ଥ କରିପାରିବ ନାହିଁ !

ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତର୍ଜାତୀୟ ସଂଗଠନ ୨୦୨୨ ଫେବୃୟାରୀ ୨୮ ତାରିଖରେ ଗୋଟିଏ ସମ୍ବାଦ ପ୍ରକାଶ କରିଥିଲା । ଏହା ଦେଶଗୁଡ଼ିକୁ ସତର୍କ କରି ଦେଇଛି ଯେ ଆଗାମୀ ଦୁଇ ଦଶକ ମଧ୍ୟରେ ତାପମାତ୍ରା ୧.୫% କିମ୍ବା ତା' ଅପେକ୍ଷା ଅଧିକ ବୃଦ୍ଧି ପାଇ ପାରେ । ପ୍ରକୃତି ଓ ଲୋକମାନଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ । ଭାରତର ଅନେକ ସହରର ତାପମାତ୍ରା ୩୫°-୩୭° ସେଲ୍‌ସିୟସ୍‌କୁ ଅତିକ୍ରମ କରିଛି । ସେଥିପାଇଁ, ପୃଥିବୀ ମନୁଷ୍ୟର ବସବାସ ପାଇଁ ଅନୁପଯୁକ୍ତ ହେବାରେ ଲାଗିଛି ।

ପୃଥିବୀ ପ୍ରତି ଅନ୍ୟ ଏକ ବଡ଼ ବିପଦ ହେଉଛି, ନିଉକ୍ଲିୟର ବୋମା ଭଳି ବିସ୍ଫୋରକ ପଦାର୍ଥ ଗୁଡ଼ିକର ଉପସ୍ଥିତି, ଯାହା ଏହି ପୃଥିବୀକୁ ଅନେକ ଥର ଧ୍ୱଂସ କରିବା ପାଇଁ ଯଥେଷ୍ଟ ଅଟେ । ଯେତେବେଳେ ଗୋଟିଏ ଶକ୍ତିଶାଳି ଭୂମିକମ୍ପ କିମ୍ବା ଅଗ୍ନି ଉଦ୍‌ଗୀରଣ ଘଟେ, ସେତେବେଳେ ନିଉକ୍ଲିୟର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ପଦାର୍ଥ ପ୍ରତି କ'ଣ ଘଟିବ? ପ୍ରାୟ ସମସ୍ତ ଗୃହ ବର୍ତ୍ତମାନ ଗ୍ୟାସ ପାଇପଲାଇନ (ଏଲ୍‌ପିଜି) ଦ୍ୱାରା ସଂଯୁକ୍ତ ହୋଇଛି । ଯେତେବେଳେ ଗୋଟିଏ ବଡ଼ ବିପର୍ଯ୍ୟୟ ଦେଖାଦେବ, ତେବେ ସେହି ଏଲ୍‌ପିଜି ଓ ଏହାର ସଂରକ୍ଷଣ ଟ୍ୟାଙ୍କଗୁଡ଼ିକ ପ୍ରତି କ'ଣ ଘଟିବ? ତେବେ, ନିଃସନ୍ଦେହରେ, ପୃଥିବୀ ଗୋଟିଏ ଆଗ୍ନେୟଗିରି ଉପରେ ବସିଅଛି !

ଲୋହିତ ବର୍ଣ୍ଣର ଚନ୍ଦ୍ର ପୃଥିବୀର ଅନେକ ଅଞ୍ଚଳରେ ଦେଖା ଯାଉଅଛି । ଭାରତରେ, ଏହା ଏଇ ନିକଟରେ ଦେଖା ଯାଇଥିଲା ଓ ଲୋକମାନେ ଖାଲି ଆଖିରେ ଏହି ଦୃଶ୍ୟ ଦେଖିବାକୁ ସମର୍ଥ ହୋଇଥିଲେ । ଏହା ଏହି ବର୍ଷଗୁଡ଼ିକ ମଧ୍ୟରେ ବାରମ୍ବାର ଦେଖା ଦେବ ।

ଆକାଶରୁ ଗ୍ରହାଣୁ ଖଣ୍ଡ ଓ ଉଲ୍‌କା ପତିତ ହେବା ସାଧାରଣ ଦୃଶ୍ୟ ଅଟେ । ଏଇ ନିକଟରେ ଗୋଟିଏ ଛ' ମହଣ ଓଜନର ଗ୍ରହାଣୁ ଖଣ୍ଡ ସମୁଦ୍ର ଭିତରେ ଖସିଥିଲା । ବର୍ତ୍ତମାନ ଏହି ପତନର ଭାର ବୃଦ୍ଧି ପାଇଛି ଓ ବାଇବଲରେ ଯେପରି ଲେଖା ଯାଇଛି, ସେହିପରି ପ୍ରବଳ ବାୟୁ ଯୋଗୁ ଗୋଟିଏ ଡିମ୍ବିରି ବୃକ୍ଷରୁ ଡିମ୍ବିରିଗୁଡ଼ିକ ପତିତ ହେବା ପରି ନକ୍ଷତ୍ର ସବୁ ପତିତ ହେବା ଆରମ୍ଭ କରିବେ ।

ତାପମାତ୍ରା ବୃଦ୍ଧି ଯୋଗୁ, ବାଇବଲରେ ଯେପରି ଲେଖା ଯାଇଛି, ସେହିପରି ଆକାଶ ଏକ ଚର୍ମପୁସ୍ତକ ଭଳି ଗୁଡ଼େଇ ହୋଇଯିବ । ପୁଣି ପର୍ବତ ଓ ଉପତ୍ୟକା ସବୁ ଭୟଙ୍କର ଭୂମିକମ୍ପ ଓ ଅଗ୍ନି-ଉଦ୍‌ଗୀରଣ ଯୋଗୁ ସ୍ୱସ୍ଥାନରୁ ଘୁଞ୍ଚିଯିବେ ।

ଭୟଙ୍କର ବିପର୍ଯ୍ୟୟ ଯୋଗୁ ଲୋକମାନେ ସେମାନଙ୍କର ଗୃହ ପରିତ୍ୟାଗ କରି ପର୍ବତ ଓ ଉପପର୍ବତ ଗୁଡ଼ିକରେ ଲୁଚିବା ପାଇଁ ଏଣେ ତେଣେ ଦୌଡ଼ିବେ, ଏପରିକି କେତେକ ଲୋକ ସେମାନଙ୍କ ଉପରେ ପଡ଼ିବା ପାଇଁ ସେଗୁଡ଼ିକୁ କହିବେ । ଏହି ଦିନଗୁଡ଼ିକରେ, ମୃତ୍ୟୁ ସେମାନଙ୍କଠାରୁ ଦୂରେଇ ଯିବ ।

ପ୍ରକାଶିତ ୧୩:୧୬-୧୮ରେ ଯେପରି କୁହାଯାଇଛି, ସେହିପରି ଛୋଟ କିମ୍ବା ବଡ଼ ପ୍ରତ୍ୟେକ ବ୍ୟକ୍ତି ନିଜ ଦକ୍ଷିଣ ହସ୍ତ କିମ୍ବା କପାଳରେ ଏକ ଚିହ୍ନ ଧାରଣ କରିବେ । ଏଥି ନିମନ୍ତେ, ବର୍ତ୍ତମାନ ଖ୍ରୀଷ୍ଟାରିର ପ୍ରତିନିଧିମାନେ ପ୍ରତ୍ୟେକ ବ୍ୟକ୍ତିର ସଂପୂର୍ଣ୍ଣ ବିବରଣୀକୁ ଡିଜିଟାଲ ମାଧ୍ୟମରେ ରେକର୍ଡ କରୁଛନ୍ତି । ପ୍ରାୟ ସମସ୍ତ ଦେଶ ଆଧାର କାର୍ଡ ଭଳି କାର୍ଡ ପ୍ରଣୟନ କରି ସାରିଛନ୍ତି । ମୋବାଇଲ ନମ୍ବର, ବ୍ୟାଙ୍କ୍ ଆକାଉଣ୍ଟ ନମ୍ବର ଗୁଡ଼ିକରେ ଦୁଇ ସଂଖ୍ୟା ବିଶିଷ୍ଟ କମ୍ପ୍ୟୁଟର କୋଡ୍ ଯୋଗ କରିବା ଦ୍ୱାରା ସେଗୁଡ଼ିକୁ ୧୬ ରୁ ୧୮ ସଂଖ୍ୟା ବିଶିଷ୍ଟ କରାଯାଇଛି । ଯଦି ୧୮ଟି ସଂଖ୍ୟାକୁ ହିସାବ କରାଯିବ, ତେବେ ଏହା ଏକ ଅସାଧାରଣ ସଂଖ୍ୟା ୬୬୬ ପ୍ରଦାନ କରିବ ଯାହା ପଶୁର ସଂଖ୍ୟା ଅଟେ । ଏହି ସମସ୍ତ ତଥ୍ୟକୁ ଗୋଟିଏ ବାୟୋଚିପ୍‌ରେ ସଂରକ୍ଷଣ କରାଯାଉଛି ଓ ଏହାକୁ ଦକ୍ଷିଣ ହସ୍ତ କିମ୍ବା କପାଳ ଉପରେ ଲଗାଯିବା ପାଇଁ ପ୍ରସ୍ତୁତ କରାଯାଉଛି ବୋଲି କୁହାଯାଉଛି । ଖ୍ରୀଷ୍ଟାରିର ପ୍ରତିନିଧିମାନେ ସେହି ଚିପ୍ ଲଗାଇବା ପାଇଁ ଏକ ଉପଯୁକ୍ତ ସମୟକୁ ଅପେକ୍ଷା କରୁଛନ୍ତି ।

ବର୍ତ୍ତମାନ ସାତବର୍ଷର କ୍ଲେଶ ପାଇଁ ସବୁକିଛି ପ୍ରସ୍ତୁତ ଅଛି । ଷଷ୍ଠ ମୁଦ୍ରା ଭଙ୍ଗା ସରିଛି ଓ ଏହାର ଫଳ ଅନୁଭୂତ ହେଉଅଛି । ବଡ଼ ଧରଣର ପରିଣତି ଏପର୍ଯ୍ୟନ୍ତ ଆସି ନାହିଁ । ସେହି ବିପର୍ଯ୍ୟୟକୁ ଈଶ୍ୱରଙ୍କର ଜଣେ ଦାସ ଗୋଟିଏ ଗୀତରେ ବର୍ଣ୍ଣନା କରିଛନ୍ତି ଯାହା ଏହି ପ୍ରକାର ଅଟେ :

୧. ସ୍ୱର୍ଗରେ ଈଶ୍ୱରଙ୍କର ସୈନ୍ୟବାହିନୀ
ଅନେକ ସଂଖ୍ୟାରେ ଦେଖା ଦେବେ

....Contd. to page 9



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

## (ପାଳକ. ଏସ୍. ସାମ୍. ସେଲ୍ଭା ରାଜ୍‌ଙ୍କ ଜୀବନାନୁଭୂତି)

*“ଯେ ପାଠ କରେ, ସେ ବୁଝୁ” (ମାଥିଉ ୨୪:୧୫)*

### ସେହି ପ୍ରଭୁ, ଯିଏ ଗଠନ କରନ୍ତି

ଈଶ୍ୱରଙ୍କ ଅନୁଗ୍ରହରୁ, ମୁଁ ଆମ ଗ୍ରାମର ଅତି ନିକଟରେ ଥିବା ଏରାନିୟେଲ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ୯ମ, ୧୦ମ, ଓ ୧୧ଶ ପାଠ ସମାପ୍ତ କରିଥିଲି । ଏହାପରେ, ମୁଁ ଆମ ଗ୍ରାମର ନିକଟବର୍ତ୍ତୀ ଲକ୍ଷ୍ମୀପୁରମଠାରେ ଥିବା “କଳା ଓ ବିଜ୍ଞାନ” କଲେଜରେ ପ୍ରାକ୍‌-ବିଶ୍ୱବିଦ୍ୟାଳୟ ପାଠ (P.U.C) ସମାପ୍ତ କରିଥିଲି ।



Rev. Dr. A. Selvaraj


ବର୍ତ୍ତମାନ ୟେରକାଉଦ୍‌ଠାରେ ପ୍ରଭୁଙ୍କର ସେବା କରୁଥିବା ରେଭ୍‌.ଡ.ଏ.ସେଲ୍‌ଭାରାଜ୍ ଯମୁନା ମାରିଥୁରଠାରେ ଦୀର୍ଘ ଦିନ ଧରି ଜଣେ ମିଶନେରୀ ଭାବେ କାର୍ଯ୍ୟ କରୁଥିଲେ । ସେ ମୋ’ ସହିତ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ ଓ ଆତ୍ମିକ ଭାବେ ମୋ’ ପାଇଁ ଆଦର୍ଶ ଥିଲେ ।

ସେ କେବଳ ମୋର ବନ୍ଧୁ ନ ଥିଲେ, ମାତ୍ର ମୋର ସେବାକାର୍ଯ୍ୟରେ ମୋତେ ଉତ୍ସାହିତ ମଧ୍ୟ କରିଥିଲେ । ସେ ପ୍ରାର୍ଥନା ଜୀବନରେ ମୋତେ ପ୍ରେରଣା ଦେଇ, ଆତ୍ମିକ ଭାବରେ ବୃଦ୍ଧି ପାଇବାରେ ସାହାଯ୍ୟ କରିଥିଲେ । ପ୍ରଭୁ ଆମକୁ ଜଗତର ବିରୋଧୀ ଶକ୍ତିସମୂହଠାରୁ, ଶରୀରଠାରୁ ଓ ଶୟତାନଠାରୁ ଦୂରକୁ ଯିବାରେ ଚାଳନା ଦେଇଥିଲେ । ଆମେ ଯେପରି ଚଳଚ୍ଚିତ୍ର, ଜାଗତିକ ଆମୋଦ ପ୍ରମୋଦ, କୁ ଅଭ୍ୟାସ ଓ ନିଶା ସେବନର କ୍ରୀତ ଦାସ ନ ହେବୁ, ଏଥିପାଇଁ ପ୍ରଭୁ ଆମକୁ ସାହାଯ୍ୟ କରିଥିଲେ । ବରଂ, ସଦାପ୍ରଭୁ ପରମେଶ୍ୱର ପବିତ୍ର ଜୀବନରେ ବୃଦ୍ଧି ପାଇବାରେ ଆମକୁ ସାହାଯ୍ୟ କରିଥିଲେ ।

ସେହି ସମୟ ମଧ୍ୟରେ, ମୋର ପରିବାର ଅର୍ଥନୈତିକ ଭାବରେ ପଛୁଆ ହୋଇ ଯାଇଥିଲେ । ସେଥିପାଇଁ, ମୋର ମାଉସୀ ଶ୍ରୀମତୀ ରୋଜଲେଟ ଦେବକଦକ୍ଷମ ମୋତେ କଲେଜ ସମୟରେ ପ୍ରତିଦିନ ଦିନ ବେଳାର ଖାଦ୍ୟ ଯୋଗାଉଥିଲେ। ସେ ଉଦୟାର ଭିଲାଇ ନାମକ ସ୍ଥାନରେ ରହୁଥିଲେ । ତାଙ୍କର ପିଲାମାନେ, ପ୍ରିନ୍‌ସ ଭାଇ, ଜସ୍ମିନ ଭଉଣୀ, ୱାଇଜ୍ ଭାଇ ଓ ମୋର ଛୋଟ ଭଉଣୀ ଡଙ୍ଗି ମୋର ଏପରି ଯତ୍ନ ନେଉଥିଲେ ଯେପରି ସେମାନେ ଗୋଟିଏ ଶିଶୁ ଯୀଶୁଙ୍କର ଯତ୍ନ ନେଉଛନ୍ତି । ସେମାନଙ୍କ ଜୀବନ ଶୈଳୀରେ ପ୍ରଭୁ ଭୟ ଥିଲା ଓ ମୁଁ ସେମାନଙ୍କଠାରୁ ଏହା ଶିକ୍ଷା କରିଥିଲି ।

ଏହି ସମୟରେ, ମୁଁ ମୋ’ଠାରେ ଏକ ଗଭୀର ଇଚ୍ଛା ବିକଶିତ ହେବାର ଲକ୍ଷ୍ୟ କଲି । ମୁଁ ଯେପରି ଜଣେ ନିର୍ଦ୍ଦୋଷ ବ୍ୟକ୍ତି ଓ ଚରିତ୍ରବାନ୍ ବ୍ୟକ୍ତି ହେବି, ଏହା ମୁଁ ଇଚ୍ଛା କରୁଥିଲି । ମୁଁ ସର୍ବଦା ସେହି ପ୍ରଭୁଙ୍କ ପାଇଁ କିଛି ସତ୍କର୍ମ କରିବାକୁ ଚାହୁଁଥିଲି ଯିଏ ଏହି ପୃଥିବୀକୁ ସୃଷ୍ଟି କରିଥିଲେ ଓ ଏଥିପାଇଁ ସମସ୍ତ ବିଷୟ ଯୋଗାଇଛନ୍ତି । ଲେଖାଯାଏ, **“...ଇଚ୍ଛା କରିବାକୁ ଓ ସାଧନ କରିବାକୁ ଈଶ୍ୱର ଆପଣା ମଙ୍ଗଳମୟ ସଙ୍କଳ୍ପର ସାଫଲ୍ୟ ନିମନ୍ତେ ତୁମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ କରନ୍ତି”** (ଫିଲିପ୍ପୀୟ ୨:୧୩) । ଏହି ପଦ ଅନୁସାରେ, ମୁଁ ସଚ୍ଚୋଟ ଭାବେ ବଞ୍ଚିବାକୁ ଚାହୁଁଥିଲି ଓ ପ୍ରଭୁଙ୍କ ପାଇଁ କିଛି ମହତ୍ ବିଷୟ ସାଧନ କରିବାର ଲକ୍ଷ୍ୟ ରଖିଥିଲି । ଏଥିପାଇଁ, ମୁଁ ମୋର ବନ୍ଧୁ ଓ ଆତ୍ମୀୟମାନଙ୍କୁ ଏପରିକି ସଂପତ୍ତିକୁ ମଧ୍ୟ ହରାଇବା ପାଇଁ ପ୍ରସ୍ତୁତ ଥିଲି । ପ୍ରକୃତରେ, ମୁଁ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ହରାଇ ଥିଲି ।

ତେବେ, ମୋର ଯୌବନକାଳରୁ, ମୁଁ ଈଶ୍ୱର ଓ ତାଙ୍କ ସଂପର୍କିତ ବିଷୟ ବ୍ୟତୀତ ଅନ୍ୟ କୌଣସି ବିଷୟରେ ଆଗ୍ରହୀ ନ ଥିଲି । ମୁଁ ଜଗତର ଅନେକ ବିଷୟ ମଧ୍ୟ ଜାଣି ନ ଥିଲି । ମୋର କେତେକ ଶିକ୍ଷକ ମୋତେ ନିର୍ବୋଧ ବୋଲି ଭାବୁଥିଲେ ଓ ସେହିପରି ବ୍ୟବହାର ମଧ୍ୟ ଦେଖାଉଥିଲେ । ମାତ୍ର, **“... ଯୀଶୁଖ୍ରୀଷ୍ଟ, ଅର୍ଥାତ୍ କ୍ରୁଶରେ ହତ ଯୀଶୁ ଖ୍ରୀଷ୍ଟଙ୍କ ବିନା ତୁମ୍ଭମାନଙ୍କ ମଧ୍ୟରେ ଆଉ କୌଣସି ବିଷୟ ନ ଜାଣିବାକୁ ମୁଁ ମନସ୍ଥ କଲି”** (୧ କରିନ୍ଥୀୟ ୨:୨) । ପ୍ରଭୁ ମୋର ମସ୍ତିଷ୍କ ଓ ହୃଦୟକୁ କେବଳ ତାଙ୍କ ବିଷୟରେ ଭାବିବା ପାଇଁ ଓ ତଦନୁସାରେ ଜୀବନ କାଟିବା ପାଇଁ ପ୍ରସ୍ତୁତ କରିଥିଲେ । ପବିତ୍ର ଆତ୍ମା ମଧ୍ୟ ମୋର ପରିସ୍ଥିତିକୁ ଏକ ଦୁର୍ବଳତା ନୁହେଁ, ମାତ୍ର ଏକ ସୁବିଧା ଭାବରେ ବିଚାର କରିବା ପାଇଁ ମୋତେ ସାମର୍ଥ୍ୟ ଦେଇଥିଲେ ।



*Pr. S. Sam Selva Raj*
*Age : 18*

ଉଦାହରଣ ସ୍ୱରୂପ, ଯଦି ମୁଁ ଅନପେକ୍ଷିତ ଭାବେ ସ୍କୁଲରେ କିମ୍ବା ଯାତ୍ରା କରୁଥିବା ସମୟରେ କୌଣସି ଚଳଚ୍ଚିତ୍ର ଦେଖୁଥିଲି କିମ୍ବା କୌଣସି ଜାଗତିକ କାହାଣୀ ଶୁଣୁଥିଲି, ତେବେ ମୋର ଚକ୍ଷୁ ଓ କର୍ଣ୍ଣ ସେଗୁଡ଼ିକୁ ଦେଖୁଥିଲା ଓ ଶୁଣୁଥିଲା, ମାତ୍ର ମୋ’ ହୃଦୟ ଓ ମସ୍ତିଷ୍କ ଭିତରେ କିଛି ପ୍ରବେଶ କରୁ ନ ଥିଲା । ମୁଁ ମୋ’ ଭିତରେ ଏହିପରି ଜାଗତିକ ବିଷୟ ପ୍ରତି ଏକ ଅଗ୍ରାହ୍ୟ ଭାବ ଅନୁଭବ କରୁଥିଲି । ଯେତେବେଳେ ମୁଁ ସେଗୁଡ଼ିକୁ ଦେଖୁଥିଲି କିମ୍ବା ଶୁଣୁଥିଲି, ସେତେବେଳେ ସେଗୁଡ଼ିକ ମୋ’ ହୃଦୟ ଭିତରୁ ଲିଭି ଯାଉଥିଲା ଓ ମୁଁ ସେଗୁଡ଼ିକୁ ବାରମ୍ବାର ମନେ ପକାଇ ପାରୁ ନ ଥିଲି । **“...ଆମ୍ଭେ ଜ୍ଞାନୀମାନଙ୍କର ଜ୍ଞାନ ନଷ୍ଟ କରିବା, ଆଉ ବୁଦ୍ଧିମାନମାନଙ୍କର ବୁଦ୍ଧି ଅଗ୍ରାହ୍ୟ କରିବା”** (୧ କରିନ୍ଥୀୟ ୧:୧୯) ।

ଜାଗତିକ ଲୋକମାନେ ମୋତେ ଗୋଟିଏ ଅଜ୍ଞ ବ୍ୟକ୍ତି ବୋଲି ଭାବୁଥିଲେ । ମାତ୍ର ସେହି ବିଷୟରେ ମୁଁ ଚିନ୍ତିତ ନ ଥିଲି । ସର୍ବଶକ୍ତିମାନ ପ୍ରଭୁ ମୋ’ ଭିତରେ ବାସ କରୁଛନ୍ତି ଓ ସେ ମୋତେ ଏକ ଉଚ୍ଚତରସ୍ତର ଓ ଉଚ୍ଚତର ସ୍ଥାନକୁ ନେଉଛନ୍ତି ବୋଲି ମୋର ହୃଦୟ ଜାଣିଥିଲା । ଜାଗତିକତା କହେ, “ଚୋରି କରିବା ଶିଖ ଓ ଏହାକୁ ଭୁଲିଯାଅ” – ଏହା ମୋ’ ପ୍ରତି ପ୍ରଯୁଜ୍ୟ ନ ଥିଲା । ଯଦିଓ ମୁଁ ଏହି ଜଗତରେ ବାସ କରୁଥିଲି, ତଥାପି ଈଶ୍ୱର ଏକ ପୃଥକୀକୃତ ଜୀବନ କାଟିବା ପାଇଁ ମୋତେ ପ୍ରଶିକ୍ଷିତ କରିଥିଲେ ।

**“କିନ୍ତୁ ଯେପରି ଲେଖାଅଛି, ଚକ୍ଷୁଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇ ନାହିଁ, ଯେ ସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରି ରଖିଅଛନ୍ତି । କିନ୍ତୁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ଆତ୍ମାଙ୍କ ଦ୍ୱାରା ସେ ସମସ୍ତ ପ୍ରକାଶ କରିଅଛନ୍ତି, ଯେଣୁ ଆତ୍ମା ସମସ୍ତ ବିଷୟ, ହଁ, ଈଶ୍ୱରଙ୍କର ଗଭୀର ବିଷୟ ସବୁ ଅନୁସନ୍ଧାନ କରନ୍ତି । କାରଣ ମନୁଷ୍ୟର ବିଷୟ ସବୁ ମନୁଷ୍ୟ ଠାରେ ଥିବା ଆତ୍ମା ବିନା ଆଉ କେହି ଜାଣେ ନାହିଁ । ଯେପରି ଈଶ୍ୱରଙ୍କ ଦ୍ୱାରା ଆମ୍ଭମାନଙ୍କୁ ଅନୁଗ୍ରହରେ ଦତ୍ତ ବିଷୟଗୁଡ଼ିକ ଆମ୍ଭେମାନେ ଜାଣିପାରୁ, ଏଥିପାଇଁ ଆମ୍ଭେମାନେ ଜଗତର ଆତ୍ମା ନ ପାଇ ଈଶ୍ୱରଙ୍କ ଆତ୍ମା ପାଇଅଛୁ”** (୧ କରିନ୍ଥୀୟ ୨:୯-୧୨) ।



Mr. C. Selvam

ଉପରୋକ୍ତ ପରିବଶେ ଅଧୀନରେ, ସ୍ୱର୍ଗତ ସି. ସେଲ୍‌ଭମ୍ ନାମକ “ନେୟୁରର କମର୍ସିଆଲ୍ ପ୍ରତିଷ୍ଠାନ”ର ପ୍ରତିଷ୍ଠାତା ଏହା ବୁଝିଥିଲେ ଯେ ମୋ’ ପାଇଁ ଈଶ୍ୱରଙ୍କର ଏକ ବିଶେଷ ଯୋଜନା ଅଛି ଓ ସେ କିଛି ମହତ୍ କାର୍ଯ୍ୟ ସାଧନ ପାଇଁ ମୋତେ ଗଠନ କରୁଛନ୍ତି । ସେ ମୋର ପିତାଙ୍କର ବନ୍ଧୁ ଥିଲେ । ସେ ମୋର ଅର୍ଥନୈତିକ ପୃଷ୍ଠଭୂମିକୁ



Mr. Gilbert Roy

ଜାଣିଥିଲେ ଓ ଅଫିସ ପ୍ରଶାସନ, ଟାଇପ୍ କରିବା ଓ ଉଭୟ ଇଂରାଜୀ ଓ ତାମିଲରେ ସଂକ୍ଷିପ୍ତ ଲେଖା ଇତ୍ୟାଦି ଶିଖିବାରେ ମୋତେ ସାହାଯ୍ୟ କରିଥିଲେ । ସେ ମୋତେ ପ୍ରାୟ କହୁଥିଲେ, ''ତୁମେ ଦିନେ ଈଶ୍ୱରଙ୍କର ଜଣେ ଶକ୍ତିଶାଳୀ ଦାସ ଓ ଉତ୍ତମ ପ୍ରଶାସକ ହେବ ।'' ଅଧିକନ୍ତୁ, ସେ ତାଙ୍କର ସହକର୍ମୀ, ଶ୍ରୀଯୁକ୍ତ ଗିଲବର୍ଟ ରାୟଙ୍କୁ ମୋର ଅତି ଉତ୍ତମ ଯତ୍ନ ନେବା ପାଇଁ କହିଥିଲେ । ଶ୍ରୀଯୁକ୍ତ ଗିଲ୍‌ବର୍ଟ ରାୟ ବର୍ତ୍ତମାନ, **''କନ୍ୟାକୁମାରୀ ଖ୍ରୀଷ୍ଟିଆନ ଫୋରମ୍, ଚେନ୍ନାଇ''**ର ସଭାପତି ଅଛନ୍ତି । ସେ ମୋତେ ଏମିୟାମ୍ମା ସନ୍ୟାସିନୀ ଆମ୍ମାଲ୍ ନାମ୍ନୀ ଈଶ୍ୱରଙ୍କର ଜଣେ ସମର୍ପିତା ବୃଦ୍ଧ ମହିଳାଙ୍କ ଯତ୍ନ ଅଧୀନରେ ସମର୍ପଣ କରିଥିଲେ ।

**''... ଗୋଟିଏ ମାଟି ପିଣ୍ଡୁଳାରୁ ଗୋଟିଏ ପାତ୍ର ଆଦର ନିମନ୍ତେ ଓ ଅନ୍ୟଟି ଅନାଦର ନିମନ୍ତେ ଗଢ଼ିବା ପାଇଁ କି ମାଟି ଉପରେ କୁମ୍ଭକାରର ଅଧିକାର ନାହିଁ ?''** (ରୋମୀୟ ୯:୨୧) । ଏହି ପଦ ଅନୁସାରେ, ଈଶ୍ୱର ମୋତେ ଗଢ଼ିବା ଆରମ୍ଭ କରିଥିଲେ । ■ ■ ■

*(୭ମ ପୃଷ୍ଠାର ଅବଶିଷ୍ଟାଂଶ)*

ଲୋକସମୂହ ଗୁମ୍ଫା ମଧ୍ୟକୁ ପଳାୟନ କରିବେ
ନକ୍ଷତ୍ର ସବୁ ନିଜ ନିଜ ସ୍ଥାନରୁ ପୃଥିବୀର ସମସ୍ତ ଅଞ୍ଚଳରେ ପତିତ ହେବେ,
ମାତ୍ର ମୁଁ ନାଚି ଗାଇ ଓ ହାଲ୍ଲେଲୁୟା,
ହାଲେଲୁୟା କହି ମୋ' ପ୍ରିୟତମଙ୍କ ସହିତ ଯୋଗ ଦେବି ।

(୮ଥର)

୨. ପାଞ୍ଚ ମହାଦେଶରେ ଥିବା ସମସ୍ତ ଅଞ୍ଚଳର ଏକ ସମାପ୍ତି ହେବ । ଅନ୍ଧକାର ଆଚ୍ଛନ୍ନ ହେବ । ମେଘଗର୍ଜ୍ଜନ ହେବ । ଶୋକ ଓ ଅଶ୍ରୁମୋଚନ ହେବ। ମାତ୍ର ସାକ୍ଷ୍ୟର ଗୀତଗୁଡ଼ିକ ସାଧୁମାନଙ୍କ ମୁଖରୁ ଶୁଣାଯିବ ।

୩. ସମୁଦ୍ର ଗର୍ଜ୍ଜନ କରିବ, ସୀମା ଉଲ୍ଲଙ୍ଘନ ହେବ, ଜାହାଜ ବୁଡ଼ିଯିବ, ଭୟଙ୍କର ବିନାଶ ଘଟିବ ।

ଯାତାୟାତ ବନ୍ଦ ହୋଇଯିବ ।

**ଜଗତ ଆଉ ରହିବ ନାହିଁ ।**

ଈଶ୍ୱରଙ୍କ ବାକ୍ୟ କିପରି ଅବ୍ୟର୍ଥ ।

ବାକ୍ୟ ସବୁ ସଫଳ ହେବ

– ଜେ.ଏମିଲ୍ ଜେବା ସିଂ

## ପ୍ରଭୁଙ୍କର ଦିନ

୨୦୦୦ ବର୍ଷ ପୂର୍ବେ, ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ପ୍ରଥମେ ନମ୍ର, ଦୀନହୀନ, ଗର୍ଦ୍ଦଭଶାବକାରୋହୀ ଜଣେ ତ୍ରାଣକର୍ତ୍ତା ଭାବରେ ଏହି ଜଗତ ମଧ୍ୟକୁ ଆସିଥିଲେ (ଯିଖରିୟ ୯:୯) । ମାତ୍ର ତାଙ୍କର ପ୍ରକାଶ୍ୟ ଦ୍ୱିତୀୟାଗମନ ସମୟରେ, ସେ ନିଜର ସାଧୁମାନଙ୍କ ସହିତ ଜୀତ ପର୍ବତରେ ଅବତରଣ କରିବେ (ଯିଖରିୟ ୧୪:୪) । ସେହି ଦିନ ଏକ କ୍ରୋଧର ଦିନ, କ୍ଳେଶ ଓ ବିଷାଦର ଦିନ ହେବ ! ''ସେହି ଦିନ କ୍ରୋଧର ଦିନ, ସଙ୍କଟ ଓ କ୍ଳେଶର ଦିନ, ଉଜାଡ଼ ଓ ସର୍ବନାଶର ଦିନ, ଅନ୍ଧକାର ଓ ଘୋର ତିମିର ଦିନ, ମେଘ ଓ ନିବିଡ଼ ଅନ୍ଧକାର ଦିନ ... ପୁଣି ସଦାପ୍ରଭୁଙ୍କ କ୍ରୋଧର ଦିନରେ ସେମାନଙ୍କର ରୂପା କିଅବା ସେମାନଙ୍କର ସୁନା ସେମାନଙ୍କୁ ଉଦ୍ଧାର କରିପାରିବ ନାହିଁ...'' (ସିଫନିୟ ୧:୧୫,୧୮) ।

**''ଦେଖ, ସେ ମେଘମାଳାରେ ଆଗମନ କରୁଅଛନ୍ତି ପ୍ରତ୍ୟେକ ଚକ୍ଷୁ ତାହାଙ୍କୁ ଦର୍ଶନ କରିବ, ଯେଉଁମାନେ ତାହାଙ୍କୁ ବିନ୍ଧିଥିଲେ, ସେମାନେ ମଧ୍ୟ ଦର୍ଶନ କରିବେ, ଆଉ ପୃଥିବୀର ସମସ୍ତ ଗୋଷ୍ଠୀ ତାହାଙ୍କ ଆଗମନ ସକାଶେ ବିଳାପ କରିବେ, ହିଁ ଆମେନ୍''** (ପ୍ରକାଶିତ ୧:୭) ।

ଆମର ପ୍ରଭୁଯୀଶୁ ଖ୍ରୀଷ୍ଟ ଖ୍ରୀଷ୍ଟାରିର ସାତ ବର୍ଷର କୁଶାସନ ପରେ ପରେ ଜୀତ ପର୍ବତ ଉପରେ ଅବତରଣ କରିବେ । ଯୀଶୁ ନିଜ ପ୍ରଥମ ଆଗମନ ସମୟରେ ଜଗତର ତ୍ରାଣକର୍ତ୍ତା ଭାବରେ ନମ୍ର ଓ ଦୀନହୀନ ହୋଇ ଆସିଥିଲେ, ମାତ୍ର ତାଙ୍କର ପ୍ରକାଶ୍ୟ ଦ୍ୱିତୀୟ ଆଗମନ ସମୟରେ, ସେ ରାଜାମାନଙ୍କର ରାଜା ଓ ନ୍ୟାୟବାନ୍ ବିଚାରକର୍ତ୍ତା ଭାବେ ଆସିବେ । ସେହି ସମୟରେ, ସେ ଏକ ଶ୍ୱେତ ଅଶ୍ୱ ଉପରେ ବସି, ଶ୍ୱେତ ଅଶ୍ୱଗୁଡ଼ିକ ଉପରେ ବସିଥିବା ତାଙ୍କର ଅସଂଖ୍ୟ ସାଧୁମାନଙ୍କ ସହିତ ଆଗମନ କରିବେ (ପ୍ରକାଶିତ ବାକ୍ୟ ୧୯:୧୧–୧୪) ।

**''ସଦାପ୍ରଭୁଙ୍କ ସମ୍ମୁଖରେ ଗାନ କରିବେ, କାରଣ ସେ ଆସୁଅଛନ୍ତି, ସେ ପୃଥିବୀର ବିଚାର କରିବାକୁ ଆସୁଅଛନ୍ତି, ସେ ଧର୍ମରେ ବିଚାର କରିବେ ଓ ଆପଣା ସତ୍ୟତାରେ ଗୋଷ୍ଠୀବର୍ଗର ବିଚାର କରିବେ''** (ଗୀତ ୯୬:୧୩) ।

ସାଧୁମାନଙ୍କର ଊର୍ଦ୍ଧ୍ୱାନ୍ତର ସହିତ, ଅନୁଗ୍ରହର ସମୟ ଶେଷ ହେବ ଓ ଲୋକମାନେ ସେମାନଙ୍କର କାର୍ଯ୍ୟ ଅନୁସାରେ ବିଚାରିତ ହେବେ । ଆଉ ଦୟା ପ୍ରଦର୍ଶିତ ହେବ ନାହିଁ । ଯଦି ଜଣେ ବ୍ୟକ୍ତି ପରିତ୍ରାଣ ପାଇବାକୁ ଇଚ୍ଛା କରିବ, ତେବେ ସେ ତାହା ପାଇ ପାରିବ ନାହିଁ କାରଣ ଅନୁଗ୍ରହର ବର୍ଷ ଶେଷ ହୋଇଯିବ । ପୁଣି ଯଦି ସେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବାକୁ ଚାହିଁବ, ତେବେ ତାକୁ ମହାକ୍ଳେଶ ସମୟରେ ଗୋଟିଏ ସାକ୍ଷ୍ୟମର ଭାବରେ ମରିବାକୁ ପଡ଼ିବ ।

ଊର୍ଦ୍ଧ୍ୱାନ୍ତର ବର୍ତ୍ତମାନଠାରୁ ଯେ କୌଣସି ସମୟରେ ଘଟିବ । ସେଥିପାଇଁ ଏହା ପରିତ୍ରାଣ ନିମନ୍ତେ ଅନୁକୂଳ ସମୟ ଅଟେ ।

ପରିତ୍ରାଣ ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ଦାନ ଅଟେ (ରୋମୀୟ ୬:୨୩) । ପୁଣି ପରିତ୍ରାଣ ବ୍ୟକ୍ତିଗତ ଅଟେ । ପ୍ରତ୍ୟେକ ମନୁଷ୍ୟ ପରିତ୍ରାଣ ପାଇବା ଉଚିତ । ଆଜି ଏହା ମେଷଶାବକଙ୍କ ରକ୍ତ ମାଧ୍ୟମରେ ବିନା ମୂଲ୍ୟରେ ଆପଣଙ୍କ ନିକଟକୁ ଆସୁଅଛି । ଜଗତ ଜୀବନ ଓ ମୃତ୍ୟୁର ପ୍ରସ୍ତାବ ଦିଏ । ମୃତ୍ୟୁକୁ ଅଗ୍ରାହ୍ୟ କରି ଜୀବନକୁ ଗ୍ରହଣ କରନ୍ତୁ । ଏଥିପାଇଁ ଆପଣଙ୍କୁ ଯୀଶୁଙ୍କ ପ୍ରତି ଦୃଷ୍ଟିପାତ କରିବାକୁ ହେବ ଓ ଆପଣଙ୍କର ପାପଗୁଡ଼ିକୁ ସ୍ୱୀକାର କରି ଅନୁତାପ କରିବାକୁ ହେବ । ପ୍ରଭୁ ଯୀଶୁ ତାଙ୍କର ନିଖୁନ୍ତ ରକ୍ତ ଦ୍ୱାରା ଆପଣଙ୍କର ପାପଗୁଡ଼ିକୁ ଧୋଇବା ପାଇଁ ବିଶ୍ୱସ୍ତ ଅଟନ୍ତି । ବାଇବଲ କହେ, ଯୀଶୁ ଖ୍ରୀଷ୍ଟଙ୍କର ରକ୍ତ ସମସ୍ତ ପାପରୁ ଆମକୁ ଶୁଚି କରେ (୧ ଯୋହନ ୧:୭) । ଯଦି ଆପଣ ସେହିପରି କରିବେ, ତେବେ ପ୍ରଭୁଙ୍କ ବିଚାର ଦିନରେ ପ୍ରଭୁଙ୍କ କ୍ରୋଧରୁ ରକ୍ଷା ପାଇ ପାରିବେ କାରଣ ସମସ୍ତ ଅଧାର୍ମିକ, ଦୁଷ୍ଟ ଓ ବିଦ୍ରୋହୀମାନଙ୍କୁ ତାଙ୍କ ସମ୍ମୁଖରେ ଠିଆ ହୋଇ ସେମାନଙ୍କର ସମସ୍ତ କାର୍ଯ୍ୟର ହିସାବ ଦେବାକୁ ହେବ । **ସମୟ ଚାଲିଯାଇ ନାହିଁ । ଆଜି ହିଁ କାର୍ଯ୍ୟ କରନ୍ତୁ ।**

ଜଗତ ଖ୍ରୀଷ୍ଟାରିର ଆଗମନ ପାଇଁ ପ୍ରସ୍ତୁତ ହୋଇ ସାରିଛି । ତା'ର ୭ ବର୍ଷର ରାଜତ୍ୱ ପରେ, ପ୍ରଭୁ ଯୀଶୁ ରାଜା ଓ ଧାର୍ମିକ ବିଚାରକର୍ତ୍ତା ଭାବରେ ପ୍ରକାଶ୍ୟରେ ଆଗମନ କରି, ଖ୍ରୀଷ୍ଟାରି ଓ ତା'ର ଲୋକମାନଙ୍କ ସହିତ ଯୁଦ୍ଧ କରିବେ । ଶୟତାନ ଖ୍ରୀଷ୍ଟାରିର ପଛରେ ଏକ ବଳବାନ୍ ଶକ୍ତି ହୋଇ ରହିବ । ପ୍ରଭୁ ଖ୍ରୀଷ୍ଟାରି ଓ ତା'ର ଲୋକମାନଙ୍କୁ ନିଜର ସାଧୁମାନଙ୍କ ସହିତ ଆର୍ମାଗିଦ୍ଦୋନଠାରେ ଭେଟିବେ । ଯିହୁଦା ଓ ଇସ୍ରାଏଲର ଲୋକମାନେ ଯୀଶୁଙ୍କୁ ସମର୍ଥନ କରିବେ (ଯିଖରିୟ ୯:୧୩) । ଏହା ଗୋଟିଏ ଦିନର ଯୁଦ୍ଧ ହୋଇପାରେ । ଖ୍ରୀଷ୍ଟାରି ଓ ତା'ର ଭଣ୍ଡ ଭାବବାଦୀ ଯୁଦ୍ଧରେ ପରାସ୍ତ ଓ ବନ୍ଦୀ ହେବେ, ପୁଣି ସେମାନଙ୍କୁ ନର୍କର ଅଗ୍ନି ମଧ୍ୟକୁ ନିକ୍ଷେପ କରାଯିବ । ଶୟତାନକୁ ମଧ୍ୟ ବନ୍ଦୀ କରାଯିବ ଓ ହଜାରେ ବର୍ଷ ପାଇଁ ପାତାଳରେ ରୁଦ୍ଧ କରାଯିବ (ପ୍ରକାଶିତ ୨୦:୧,୨) ।

ସଦାପ୍ରଭୁ ପରମେଶ୍ୱର ଯୀଶୁ ଖ୍ରୀଷ୍ଟଙ୍କର ଆଗମନ ଅତି ସନ୍ନିକଟ । ଊର୍ଦ୍ଧ୍ୱକୁ ନୀତ ହେବା ପାଇଁ ପ୍ରସ୍ତୁତ ରହନ୍ତୁ । ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

************

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |
| SWIFT CODE | : | **SBI NIN BB 455** |

### *2. Bank : ICICI Bank*

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/- ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :


**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com


**YOU CAN SEND YOUR DONATION ONLINE ALSO**


**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th MAY 2022.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**


*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005 and printed by him at **Echo of His Call Printers**, New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**